### ଏମ୍‌ପିସି କଲେଜର ପ୍ଲାଟିନମ୍ ଜୁବୁଲି ମହୋତ୍ସବର ଦ୍ୱିତୀୟ ଦିବସ

# ଛାତ୍ର ସମାଜ ସଫଳତା ହାସଲ ପାଇଁ ବ୍ରତୀ ହେବାକୁ ପରାମର୍ଶ

ବାରିପଦା, ୬ ।୧(ସମିସ)




ଐତିହ୍ୟ ସମ୍ପନ୍ନ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜର ପ୍ଲାଟିନମ ଜୁବୁଲି ମହୋତ୍ସବ ପାଳନର ଦ୍ୱିତୀୟ ଦିବସରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଙ୍କ ବିଶେଶ୍ୱର ଟୁଡୁ ଯୋଗଦେଇ ଜାତୀୟ ଶିକ୍ଷା ନୀତିକୁ ଗୁରୁତ୍ୱ ଦେଇ ଏହା ପ୍ରଣୟନ ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ଶିକ୍ଷାର ବିକାଶଧାରାକୁ ପ୍ରଗତିଶୀଳ କରିବା ପାଇଁ କେନ୍ଦ୍ରୀୟସ୍ତରରେ ଅଧିକ ସ୍କୁଲ୍ ସ୍ଥାପନା ପାଇଁ ଥିବା

## ଜାତୀୟସ୍ତରରେ ଲକ୍ଷ୍ୟ ହାସଲ ପାଇଁ ଆହ୍ୱାନ

ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କଲେଜର ଶିକ୍ଷା କ୍ଷେତ୍ରରେ ଅନନ୍ୟ ଅବଦାନ ରହିଛି ବୋଲି ମତ ଦେଇଥିଲେ। ଜୁବୁଲି କମିଟି ସଭାପତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଉତ୍ସବରେ ପୌରୋହିତ୍ୟ କରି ଜିଲ୍ଲାରେ ଶିକ୍ଷାର ପ୍ରସାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଅଧିକ ସ୍କୁଲ୍ ସ୍ଥାପନା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ ଅଗ୍ରାଧିକାରଭିତ୍ତିରେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ ଛାତ୍ର ସମାଜକୁ ଆଗାମୀ ଦିନରେ ଦୃଢ଼ ମନୋଭାବ ପ୍ରଦର୍ଶନ କରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ ପାଇଁ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ମୁକ୍ତିକାନ୍ତ ପଣ୍ଡା ସ୍ୱାଗତ ଉଦବୋଧନ ଦେଇଥିଲେ। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମହାବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ପୁରାତନ ଛାତ୍ର ସଂସଦ ସଭାପତି ଡ. ବିଜୟ କୁମାର ଅଗ୍ରୱାଲ, ମୁଖ୍ୟ ସଂଯୋଜକ ପ୍ରୀତିସ ବସା ଓ ସମ୍ପାଦକ କଳିଙ୍ଗ କେଶରୀ ଜେନା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ମହୋତ୍ସବର ଦ୍ୱିତୀୟ ଦିବସରେ 'ଜାତୀୟସ୍ତରରେ ଲକ୍ଷ୍ୟ ହାସଲ ପାଇଁ ମୟୂରଭଞ୍ଜ-୨୦୫୦ ପର୍ଯ୍ୟନ୍ତ ରୋଡ ମ୍ୟାପ ପ୍ରସ୍ତୁତ' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଗୁଣୀ ଜ୍ଞାନୀ, ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିଥିଲେ। ପ୍ରାକ୍ତନ ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ ଏ ନେଇ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ପ୍ରଫେସର ହିମାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପୁରାତନ ଛାତ୍ର ଓ ପ୍ରବୀଣ ଶିକ୍ଷାବିତ ଓ ଶିକ୍ଷା ପ୍ରଶାସକ ପ୍ରଫେସର ଡ. ଦାମୋଦର ଆଚାର୍ଯ୍ୟ, ଅବସରପ୍ରାପ୍ତ ବରିଷ୍ଠ ଆଇଏସ ଅଫିସର ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ ଓ ଅବସରପ୍ରାପ୍ତ ଆଇଏସ ଅଫିସର ଡ. ଅରବିନ୍ଦ ବେହେରା, ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ବିଦେଶରେ ଅବସ୍ଥିତ ଥିବା ପୁରାତନ ଛାତ୍ର ଡାକ୍ତର ଶିବାଶିଷ ଗିରି, ଅନ୍ୟତମ ପୁରାତନ କୃତୀ ଛାତ୍ର ଓ ଜାତୀୟ ସ୍ମାରକୀ ଅଥରିଟି ଓ ଏସଆଇର ଅଧ୍ୟକ୍ଷ ପ୍ରଫେସର ଡ. କିଶୋର ବସା, ପୁରାତନ ଛାତ୍ର ଓ ଝାଡଖଣ୍ଡ ରାଜ୍ୟର ପ୍ରାକ୍ତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଦୀନେଶ ଷଡଙ୍ଗୀ ପ୍ରମୁଖ ମୟୂରଭଞ୍ଜ ଜିଲ୍ଲା ଆଗାମୀ ୨୦୫୦ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅପୂର୍ବ ସଫଳତା ହାସଲ କରିବା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ଅଛି ବୋଲି କହିଥିଲେ। ଚିନ୍ମୟ ଦାସ ପଟ୍ଟନାୟକ ଓ ବରିଷ୍ଠ ଅଧ୍ୟାପିକା ରାଇମଣି ମାରାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ବିପ୍ଳବ ବୁଗୁଡାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

### କାରାଗାରରେ କଏଦୀଙ୍କ ଆତ୍ମହତ୍ୟା ଘଟଣା

# ସପ୍ତାହକ ପରେ ହେଲା ଅନ୍ତିମ ସଂସ୍କାର

**ବାରିପଦା, ୬ ।୧(ସମିସ):** ବାରିପଦା ମଣ୍ଡଳ କାରାଗାରରେ ଗତ ୩୧ତାରିଖ ରାତିରେ ଆତ୍ମହତ୍ୟା କରିଥିବା ବିଚାରଧୀନ କଏଦୀଙ୍କ ମୃତଦେହର ସପ୍ତାହ ପରେ ଅର୍ଥାତ୍ ଶନିବାର ଶେଷକୃତ୍ୟ ହୋଇଛି। ଜେଲ ଭିତରେ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିବାର ନେଇ ତାଙ୍କ ପରିବାର ଅଭିଯୋଗ କରି କ୍ଷତିପୂରଣ ଦାବିରେ ଶବ ଗ୍ରହଣ କରି ନ ଥିଲେ। ତେବେ ସପ୍ତାହକ ପରେ ଶବ ଗ୍ରହଣ କରିବା ପରେ ରୀତିନୀତି ଅନୁସାରେ ଶେଷକୃତ୍ୟ ହୋଇଛି। ବାରିପଦା ସଦର ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମର ରବି ସିଂ ବେଆଇନ ଦେଶୀ ମଦ ମାମଲାରେ ଗତ ଡିସେମ୍ବର ୨୦ ତାରିଖରେ ଗିରଫ ହୋଇ ବାରିପଦା ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀଭାବେ ଥିଲେ। ତାଙ୍କ ସହିତ ଆଉ ଦୁଇଜଣଙ୍କୁ ମଧ୍ୟ ଅବକାରୀ ବିଭାଗ ଗିରଫ କରିଥିବା ବେଳେ ସେମାନେ ଜାମିନ ପାଇଥିଲେ; କିନ୍ତୁ ରବିଙ୍କୁ ଜାମିନ ମିଳିନଥିଲା। ଯାହାକୁ ନେଇ ସେ ମାନସିକ ଭାରସାମ୍ୟ ହରାଇ ଗତ ଡିସେମ୍ବର ୩୧ ତାରିଖରେ ରାତିରେ ଜେଲ କବାଟ ରେଲିଂରେ ଗାମୁଛା ଲଗା ଝୁଲି ପଡ଼ି ଆତ୍ମହତ୍ୟା କରିଥିଲେ। ହେଲେ ରବିଙ୍କ ଆତ୍ମହତ୍ୟାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନଥିଲେ। ପରେ ପରିବାର ପକ୍ଷରୁ ଭଞ୍ଜପୁର ଥାନାରେ ତାଙ୍କ ଭାଇ ଅଭିଯୋଗ କରିଥିଲେ। ପରିବାର ଲୋକ କ୍ଷତିପୂରଣ ଦାବିର ଜିଦରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲେ। ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ମୃତଶରୀରକୁ ବ୍ୟବଚ୍ଛେଦ କରିବାକୁ ପରିବାର ଲୋକେ ଅମଙ୍ଗ ହୋଇଥିଲେ।

ଏଥି ସହିତ ମୃତଦେହ ଗ୍ରହଣ କରିବାକୁ ମଧ୍ୟ ପରିବାର ଲୋକେ ରାଜି ହୋଇନଥିଲେ। ତେବେ ଗତ ୩ତାରିଖରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶରେ ପୁଲିସ କଡା ସୁରକ୍ଷା ମଧ୍ୟରେ ପିଆରଏମ ହସ୍ପିଟାଲରେ ମୃତ ରବିଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲା। ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା; କିନ୍ତୁ କ୍ଷତିପୂରଣ ଦାବିର ଜିଦରେ ଅଡ଼ି ରହି ଶବକୁ ନେଇ ସତ୍କାର କରିବାକୁ ଅମଙ୍ଗ ହୋଇଥିଲେ। ଏଥିପରେ ପରିବାର ଲୋକଙ୍କ ସହ ଆଲୋଚନା ପରେ ସପ୍ତାହ ପରେ ଶେଷରେ ମୃତଦେହ ଗ୍ରହଣ କରି ଶବ ସତ୍କାର କରିଛନ୍ତି।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର



**ବାରିପଦା, ୬ ।୧(ସମିସ):** ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ଦାବିକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଭେଟି ଦାବି ଉପସ୍ଥାପନ କରାଯାଇଛି। ଶନିବାର ବାରିପଦା ସ୍ଥିତ ବାସଭବନରେ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଦାବି ବାବଦରେ ଆଲୋଚନା କରିଛନ୍ତି। ରାଜସ୍ୱ ପରିଷଦକୁ କାର୍ଯ୍ୟକାରୀ କରାଯାଇ ୧୦ଟି ରାଜସ୍ୱ ମୌଜା ପାଇଁ ଗୋଟିଏ ରାଜସ୍ୱ ନିରୀକ୍ଷକ ମଣ୍ଡଳ ଅନୁପାତରେ ନୂତନ ରାଜସ୍ୱ ନିରୀକ୍ଷକ ମଣ୍ଡଳ ସୃଷ୍ଟି କରିବା, ଓଡ଼ିଶା ରାଜସ୍ୱ ସେବାରେ ପଦୋନ୍ନତି ପାଇବାକୁ ଯୋଗ୍ୟ ସେମାନଙ୍କ ଗ୍ରେଡେସନ ତାଲିକା ପ୍ରାପ୍ୟ ଅନୁଯାୟୀ ପ୍ରାଥମିକତା ପ୍ରଦାନ କରିବା, ସେହିପରି ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନ ମାନଙ୍କର ସାଧାରଣ ଗ୍ରେଡେସନ ତାଲିକା ପ୍ରାପ୍ୟ ସ୍ତରକୁ ପ୍ରାଥମିକତା ଦିଆଯାଇ ବରିଷ୍ଠତା ଭିତ୍ତିରେ ପ୍ରକାଶ କରିବା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ନିଯୁକ୍ତି ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅନୁଯାୟୀ ସମ୍ପୂର୍ଣ୍ଣ କରିବା, ୫ ବର୍ଷ ସମ୍ପୂର୍ଣ୍ଣ କରିଥିବା ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପଦବୀ ସୃଷ୍ଟି କରାଯାଇ ସ୍ୱତଃ ପଦୋନ୍ନତି କରିବା ସହ ସରକାରୀ ସୁବିଧା ପ୍ରଦାନ, କର୍ତ୍ତବ୍ୟ ତାଲିକାରେ ଆବଶ୍ୟକୀୟ ସଂଶୋଧନ କରାଯାଇ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଦସ୍ତଖତ ଓ ମୋହରର ମର୍ଯ୍ୟାଦା ବୃଦ୍ଧି କରିବା, ପଦୋନ୍ନତି ନିମନ୍ତେ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ଉଲ୍ଲେଖନୀୟ ବ୍ୟବସ୍ଥା ସମାପ୍ତ କରିବା ଆଦି ଦାବି ରହିଛି। ସଂଘର ସଭାପତି ପଙ୍କଜ କୁମାର ନାଥ ଏବଂ ସମ୍ପାଦକ ବିଭୀଷଣ ସାହୁଙ୍କ ନେତୃତ୍ୱରେ ସୌରଭ ଦାସ, ରାଜକିଶୋର ହେମ୍ବ୍ରମ, ମଣ୍ଟୁ ହେମ୍ବ୍ରମ ମନ୍ତ୍ରୀ ଶ୍ରୀ ମାରାଣ୍ଡିଙ୍କୁ ଭେଟି ଦାବି ବିଷୟରେ ଆଲୋଚନା କରିଥିଲେ।

# ବାରିପଦା ବନଖଣ୍ଡର ୩ ବନରକ୍ଷୀଙ୍କ ବନପାଳକୁ ପଦୋନ୍ନତି

**ବାରିପଦା, ୬ ।୧(ସମିସ):** ବାରିପଦା ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳର ୩ ଜଣ ବନରକ୍ଷୀଙ୍କୁ ବନପାଳ ପଦକୁ ପଦୋନ୍ନତି କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ଼ ପ୍ରକାଶ ଚନ୍ଦ୍ର ଗୋଗୀନେନିଙ୍କ ନିର୍ଦ୍ଦେଶକ୍ରମେ ପଦୋନ୍ନତି ପାଇଥିବା ୩ଜଣ ବନରକ୍ଷୀଙ୍କ ନାମ ଘୋଷଣା କରାଯାଇଛି। ସେମାନେ ହେଲେ ଅନନ୍ତଚନ୍ଦ୍ର ରାଉତ, ମାଳତୀଲତା ସିଂ ଏବଂ ସୁଜିତ କୁମାର ଜେନା। ଏମାନେ ଦୀର୍ଘଦିନ ହେଲା ବାରିପଦା ବନଖଣ୍ଡରେ ବନରକ୍ଷୀ ଭାବେ କାର୍ଯ୍ୟ କରୁଥିଲେ।

### ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଦ୍ୱିତୀୟ ଦିବସ

# ଜିଜ୍ଞାସାରୁ ସୃଷ୍ଟି ବିଜ୍ଞାନ



**ବାରିପଦା, ୬ ।୧(ସମିସ):** ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଶନିବାର ଦ୍ୱିତୀୟ ଦିବସରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଜିଜ୍ଞାସାରୁ ବିଜ୍ଞାନ ସୃଷ୍ଟି ବୋଲି କହିଥିଲେ। ୫-ଟି କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟରେ ହୋଇଥିବା ରୂପାନ୍ତରୀକରଣ ମାଧ୍ୟମରେ ବିଜ୍ଞାନାଗାର ଗୁଡ଼ିକ ନିର୍ମାଣ ହୋଇଛି। ତେଣୁ ସମସ୍ତ କୁନି ବୈଜ୍ଞାନିକ ତାହାର ସଦୁପଯୋଗ କରି ନିଜର ଜ୍ଞାନର ବିକାଶ କରନ୍ତୁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମୋରଡା ବିଧାୟକ ରାଜକିଶୋର ଦାସ, ବାଲେଶ୍ୱରର ଚାନ୍ଦିପୁର ସ୍ଥିତ ଡ଼ିଆରଡ଼ିଓ ସହନିର୍ଦ୍ଦେଶକ ଡ଼ଃ ନିଳାଦ୍ରି ରୟ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନୀ ଡଃ କମଳାକାନ୍ତ ଜେନା ପ୍ରମୁଖ ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ବ୍ୟକ୍ତବ ରଖିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କବିତା ମାଧ୍ୟମରେ ଥମାସ୍ ଏଡ଼ିସନ୍‌ଙ୍କର ବିଫଳତା ଓ ସଫଳତା ଉପରେ କହିଥିଲେ ଯେ ୩୯୯୯ ଥର ବିଫଳ ହେବା ପରେ ୪୦୦୦ ଥରରେ ସଫଳତା ଲାଭ କରି ବିଜୁଳିବତୀ ଉଦଭାବନ କରିଥିଲେ। ତେଣୁ ବିଫଳତାକୁ ଭୟ ନ କରି ସଫଳତା ହାସଲ ନିମନ୍ତେ ନିରନ୍ତର ଚେଷ୍ଟା କରିବା ଉଚିତ। ଏହି ଅବସରରେ ଅତିଥି ବୃନ୍ଦଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଭବିଷ୍ୟତର ବିଜ୍ଞାନୀମାନଙ୍କ ମଧ୍ୟରେ କାଗଜ ଭଙ୍ଗା, ବିଜ୍ଞାନ ଭିତ୍ତିକ ସ୍ଲୋଗାନ, ବିଜ୍ଞାନ ବକ୍ତୃତା, ସାଧାରଣଜ୍ଞାନ, ସଙ୍ଗୀତ ଇତ୍ୟାଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ମଞ୍ଚରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ବିଜ୍ଞାନ ପରିଦର୍ଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନରୁ ଓହରିଲା ଡ୍ରାଇଭର ସଂଘ



**ବାରିପଦା, ୬ ।୧(ସମିସ):** କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ହିଟ ଆଣ୍ଡ ରନ ଆଇନକୁ ପ୍ରତ୍ୟାହାର ଦାବିକରି ଶନିବାର ଡ୍ରାଇଭର ମହାସଂଘ ଜିଲ୍ଲାର ବିଭିନ୍ନ ସ୍ଥାନରେ ଷ୍ଟିଅରିଂ ଛାଡ ଆନ୍ଦୋଳନ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ସଂଘ ଆନ୍ଦୋଳନରୁ ଓହରିଯାଇଛି। ଶନିବାର ସକାଳେ ଜିଲ୍ଲା ସଂଘର ଡ୍ରାଇଭରମାନେ ଏକତ୍ରିତ ହୋଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିବା ସହିତ ଧାରଣା ମଧ୍ୟ ଦେଇଥିଲେ। ଫଳରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଟ୍ରକ ଗୁଡ଼ିକ ରାଜପଥରେ କିଛି ମାତ୍ରାରେ ଚଳାଚଳ କରୁଥିବା ବେଳେ ଯାତ୍ରୀବାହୀ ବସ୍ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏହି ନୂତନ ଆଇନ କାର୍ଯ୍ୟକାରୀ ହେଲେ ଡ୍ରାଇଭରମାନେ ବହୁତ ହଇରାଣ ହେବା ସହିତ ଗାଡି ଚଳାଇବା ସମ୍ଭବପର ହେବ ନାହିଁ ବୋଲି ଜିଲ୍ଲା ସଂଘର ସଭାପତି ବିନୋଦ ଲୋହାର ଓ ସମ୍ପାଦକ ପାର୍ଥସାରଥି ମହାନ୍ତ କହିଛନ୍ତି। ଧାରଣାସ୍ଥଳରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେଭଳି ନଉପୁଜେ ସେ ନେଇ ପୁଲିସ ଫୋର୍ସ ମୁତୟନ ହୋଇଥିଲା। ଅପରପକ୍ଷରେ ଯାନବାହନ ଚଳାଚଳ ବନ୍ଦ ପାଇଁ ଆଗକୁ ପେଟ୍ରୋଲ ପମ୍ପଗୁଡିକରେ ନିଅଣ୍ଟିଆ ସ୍ଥିତିରୁ ବର୍ତ୍ତିବା ଗୁଜବ ପାଇଁ ସହରର ସମସ୍ତ ପମ୍ପରେ ନାହିଁ ନଥିବା ଭିଡ ଲାଗିଥିବା ଦେଖାଯାଇଥିଲା।

# ୨୫ରୁ ଅନ୍ତର୍ଜାତୀୟ ଯୁବ ଏକତା ମହୋତ୍ସବ; ଲୋଗୋ ଉନ୍ମୋଚିତ



**ବାରିପଦା, ୬ ।୧(ସମିସ):** ସର୍ବଭାରତୀୟ ସ୍ତରରେ ସକ୍ରିୟ ଭାବେ ଯୁବ ଏକତା ପାଇଁ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ ସଙ୍ଗଠନ ଜାତୀୟ ଯୁବ ପ୍ରକଳ୍ପ ତରଫରୁ ଚଳିତ ମାସରେ ହେବାକୁଥିବା ଆନ୍ତର୍ଜାତୀୟ ଯୁବ ଏକତା ମହୋତ୍ସବ-୨୦୨୪ର ଶନିବାର ଲୋଗୋ ଉନ୍ମୋଚିତ ହୋଇଛି। ପ୍ରକାଶ ଥାଉକି ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଜିଲ୍ଲା ୟୁନିଟ ଆନୁକୂଲ୍ୟରେ ଆଧାର ସଭାଗୃହ ବାରିପଦାଠାରେ ମହୋତ୍ସବ ପାଇଁ ଚୂଡାନ୍ତ ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ସଂଗଠନର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରାଇଡର ପ୍ରତିଷ୍ଠାତା ମାନସ ଦାସ, ବିଶିଷ୍ଟ ସମାଜସେବୀ ତଥା ସାମ୍ବାଦିକ ସଞ୍ଜୟ ଚୌଧୁରୀ, ପ୍ରତିଭା ଦେବୀ, ସମାଜସେବୀ ବିବେକାନନ୍ଦ ପଟ୍ଟନାୟକ, ପ୍ରଣତି ଦାସ ଯୋଗଦେଇଥିଲେ। ଏହି ମହୋତ୍ସବ ଆସନ୍ତା ୨୫ରୁ ରୁ ୨୯ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବ। ଏଥିରେ ବାରିପଦା ସହିତ ବମ୍ଭେଇକ, ରାଇରଙ୍ଗପୁର ଓ ଉଦଳା ଠାରେ ୨୫ଟି ରାଜ୍ୟ ସହିତ, ଇଣ୍ଡୋନେସିଆ, ବାଂଲାଦେଶ, ନେପାଳକୁ ମିଶାଇ ମୋଟ ୩୫୦ ଯୁବକ ଯୁବତୀ ମୟୂରଭଞ୍ଜ ଜିଲ୍ଲାରେ ପହଞ୍ଚି ଶିବିରରେ ଭାଗ ନେଇ ନିଜ ନିଜର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ଅବସରରେ ଏହି ଅନ୍ତର୍ଜତୀୟ ମହୋତ୍ସବର ଏକ ସ୍ୱତନ୍ତ୍ର ଲୋଗୋ ଉନ୍ମୋଚନ କରାଯାଇଛି। ଜିଲ୍ଲା ସଙ୍ଗଠନର ସଭାପତି କୁଞ୍ଜ ବିହାରି ସେଠୀ, ସମ୍ପାଦକ ଅଶୋକ ପୃଷ୍ଟି, ସହ ସମ୍ପାଦକ ଅଶ୍ୱିନୀ ମହାନ୍ତ ପରିଚାଳନା କରିଥିଲେ। ଆତିଥ୍ୟ ପାଇଁ ଜିଲ୍ଲାର ଜନପ୍ରତିନିଧି, ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷା, କୃଷି ନିଗମ ଅଧ୍ୟକ୍ଷ, ଭଞ୍ଜସେନା ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ରାଇରଙ୍ଗପୁର ଓ ବାରିପଦା ପୌରପାଳିକାର ଅଧ୍ୟକ୍ଷ, ପୂର୍ବତନ ବିଧାୟକ ଓ ସମାଜସେବୀ ଓ ଶିକ୍ଷାନୁଷ୍ଠାନ ପ୍ରମୁଖ ସହଯୋଗର ହାତ ବଢ଼ାଇଥିବା ନେଇ ସଙ୍ଗଠନ ତରଫରୁ ସୂଚନା ଦିଆଯାଇଛି।

# ଏନ୍‌ପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ହଷ୍ଟେଲ ୧୧ ଚାମ୍ପିଅନ



**ବାରିପଦା, ୬ ।୧(ସମିସ):** ସ୍ଥାନୀୟ ଜୁବିଲି ପଡ଼ିଆରେ ଏନପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୬ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିବା ବେଳେ ହଷ୍ଟେଲ ୧୧ ଦଳ ସି ୫୪ ଦଳକୁ ଉଇକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ସି ୫୪ ଦଳ ୮ ଓଭରରେ ୫ ଉଇକେଟ ହରାଇ ମାତ୍ର ୩୨ ରନ ସଂଗ୍ରହ କରିଥିଲା। ହଷ୍ଟେଲ ୧୧ ଦଳ ୬.୨ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ମାନସ କୁମାର ପାତ୍ର ଓ ସୁନୀଲ ବେହେରା ଖେଳ ପରିଚାଳନା କରିଥିବା ବେଳେ ଘନଶ୍ୟାମ ମହାନ୍ତ ସ୍କୋରିଂରେ ସହାୟତା କରିଥିଲେ। ରଥ ସିଂ ଶ୍ରେଷ୍ଠ ବୋଲର, ରଣଜିତ ପାଟୁଳିଆ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ, କେନ୍ଦୁଆ କଲେଜର ଅଧ୍ୟାପକ ଚନ୍ଦ୍ରଶେଖର ମହାନ୍ତ, ଅନସୂୟା ବସା, ମୂର୍ଚ୍ଛନା ଦାସ ପଟ୍ଟନାୟକ ଓ ରାଜୀବ କୁମାର ଦାସ ଉପସ୍ଥିତ ଥିଲେ। ଆଲୋକ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଡ଼କ ସୁରକ୍ଷା ସପ୍ତାହର ପୁରସ୍କାର ବିତରଣ କାର୍ଯ୍ୟକ୍ରମ

# ଚାଳକଙ୍କୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ

ବାରିପଦା, ୬ ।୧(ସମିସ)



ମୟୂରଭଞ୍ଜ ଜିଲ୍ଲାବ୍ୟାପୀ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ନିମନ୍ତେ ଏକ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୌଜନ୍ୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ପାଳନ ଅବସରରେ ବିଦ୍ୟାଳୟ ସ୍ତରୀୟ ସ୍ଲୋଗାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ଏହି ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଡକ ସୁରକ୍ଷା ପରିବାର ରକ୍ଷା ଭଳି ସ୍ଲୋଗାନ ଦ୍ୱାରା ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଥିବା ସମସ୍ତ ଚାଳକଙ୍କୁ ସଚେତନ କରାଯାଇଛି। ମଦ୍ୟପାନ କରି ଗାଡି ଚାଳନାକୁ ବିରୋଧ ତଥା ଆରକ୍ଷୀ ନୀରିକ୍ଷକମାନେ କଡାକଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଦ୍ରୁତ ଗତିରେ ଯାଉଥିବା ଗାଡିର ବେଗ ନିୟନ୍ତ୍ରଣ କରିବା ନେଇ ପଦକ୍ଷେପ, ଯାନବାହାନର ଫିଟ୍‌ନେସ, ବିନା ହେଲମେଟ ପିନ୍ଧି ଗାଡି ଚଳାଇବା ଆଦିକୁ ରଖି କାର୍ଯ୍ୟାନୁଷ୍ଠାନ କଡାକଡି କରିବା ନେଇ ବିଭିନ୍ନ ଉଦାହରଣ ଏବଂ ସରକାରୀ କର୍ମଚାରୀ, ପ୍ରୋଜେକ୍ଟର ଭିଡିଓ ଓ ଲୋକକଳା ମାଧ୍ୟମରେ ସଚେତନତା କରିଥିଲେ। ଏହି ଅବସରରେ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଅନ୍ତ୍ୟୋଦୟ ଚେତନା ମଣ୍ଡଳୀ ମିଳିତ ସହଯୋଗରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଚାଳକମାନଙ୍କ ଚକ୍ଷୁ ପରୀକ୍ଷା ସହ ଚଷମା ପ୍ରଦାନ କରାଯାଇ ସୁରକ୍ଷିତ ବାହାନ ଚଳାଚଳ ପାଇଁ ପରାମର୍ଶ ଦିଆଯାଇଥିଲା। ରାସଗୋବିନ୍ଦପୁର ରଙ୍ଗାମାଟିଆର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ପ୍ରତୀକ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## ସୁଆଁପଦା -ନଣ୍ଡାବର ରାସ୍ତା ପ୍ରଶସ୍ତିକରଣ ଶିଳାନ୍ୟାସ

# ୧୦ ପଞ୍ଚାୟତକୁ ସଂଯୋଗ କରିବ ଜିଲ୍ଲାର ସବୁଠୁ ଲମ୍ବା ରାସ୍ତା

ଘସିପୁରା,୬।୧ (ସମିସ)



ଆନନ୍ଦପୁର ପୂର୍ତ୍ତ ବିଭାଗ ପକ୍ଷରୁ ଘସିପୁରା ବ୍ଲକ ପୁରୁଣାବାଉଁଶଗୋଡ଼ା ପଞ୍ଚାୟତର ନଣ୍ଡାବର ଗ୍ରାମଠାରୁ ସାଇଁକୁଲ ଯାଏଁ ୧୦ଟି ପଞ୍ଚାୟତକୁ ସଂଯୋଗ କରୁଥିବା ଦୀର୍ଘ ୩୮ କିଲୋମିଟର ରାସ୍ତାର ସମ୍ପ୍ରସାରଣ ଏବଂ ଦୋହରୀକରଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ଘସିପୁରା ବିଧାୟକଙ୍କ ଦ୍ୱାରା ଆଜି ଅନୁଷ୍ଠିତ ହୋଇଯାଇଛି । ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ୩୮ କିଲୋମିଟର ରାସ୍ତା ପାଇଁ ୧୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମ ପାଟସୁରା ଗାଁ ଛକରେ ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସ୍ଥାନିୟ ତରୁଆଁ ସରପଞ୍ଚ ରଶ୍ମୀରଞ୍ଜିତା ବେହେରା, ସମିତି ସଭ୍ୟା ମୋନାଲିସା ସାମଲ ସମେତ ପୂର୍ତ୍ତ ବିଭାଗର ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ଶହଶହ ଗ୍ରାମବାସୀ ଉପସ୍ଥିତ ଥିଲେ । ରାସ୍ତା ସମ୍ପର୍କ ଯୋଡ଼ିବାରେ ଏକ ମାଧ୍ୟମ ହୋଇଥାଏ ବୋଲି ବିଧାୟକ କହିଥିଲେ । ଏହି ରାସ୍ତା ଦୋହରୀକରଣ ହେଲେ ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ଛକରୁ ଭାୟା ଲୁହାହାର ପାଟସୁରା ରାସ୍ତା ପ୍ରଶସ୍ତ ହେବା ସହ ବାଟୋ ଅଞ୍ଚଳକୁ ଅନାୟାସରେ ଯାତାୟାତ କରିହେବ । ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ପୂର୍ବତନ ସରପଞ୍ଚ ମଦନମୋହନ ନାୟକ, ବିଶ୍ୱରଞ୍ଜନ ବେହେରା, ସନ୍ତୋଷ କୁମାର ଜେନା, ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦିପକୁମାର ସାହୁ, ବିଜୟ ଜେନା, ଗାଁ ମୁରବୀ ସୁରେନ୍ଦ୍ର ନାୟକ, ସୁଧାକର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଶିବପ୍ରସାଦ ପାତ୍ର, ପ୍ରଭବ ନାୟକ, ପ୍ରଦିପ ଭଞ୍ଜ, ଭାଗ୍ୟଲକ୍ଷ୍ମୀ ବୋଇତେଇ, ଦିଲ୍ଲିପ କୁମାର ସାହାଁ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଏସ୍‌ଏଚ୍‌ଜି ମହିଳା



**ତେଲକୋଇ,୬।୧ (ସମିସ):** ଗାଁରେ ବେଆଇନ ଦେଶୀ ବିଦେଶୀ ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡିଲେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ । ସୂଚନା ଅନୁଯାୟୀ ତେଲକୋଇ ଥାନା ଅନ୍ତର୍ଗତ ଖୁନ୍ତପଡ଼ା ଗାଁ ଭିତରେ ୫ଟି ଜାଗାରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଥିବାରୁ ମଦୁଆମାନେ ମଦ ପିଇ ରାସ୍ତା ଘାଟରେ ପାଟିତୁଣ୍ଡ କରିବା ସହ ମାଡପିଟ ମଧ କରୁଛନ୍ତି । ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି । ଏହାଦ୍ୱାରା ଗାଁରେ ବିଶୃଙ୍ଖଳା ହେବା ସହ ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିବା ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଅଭିଯୋଗ କରିଛନ୍ତି । ବେଆଇନ ମଦ ଦୋକାନକୁ ମଦ ବନ୍ଦ ପାଇଁ କହିଲେ ମହିଳାମାନଙ୍କୁ ମଦ ମାଫିଆ ଧମକ ଚମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି । ଗାଁରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଶତାଧିକ ମହିଳା ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଜଣାଇଥିଲେ । ତେବେ ତେଲକୋଇ ଥାନା ଆଇଆଇସି ସରୋଜ କୁମାର ସାମଲଙ୍କ ନେତୃତ୍ୱରେ କିଛି ଦିନ ହେବ ତେଲକୋଇ ପୁଲିସ ବେଆଇନ ମଦ ବିକ୍ରିକାରୀଙ୍କ ଉପରେ ଜୋରଦାର ଧରପଗଡ ଚଳାଇଛି ।

## ମହୁଲିମଦ ଜବତ; ୨ ଗିରଫ

**ଆନନ୍ଦପୁର,୬।୧ (ସମିସ):** ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମହୁଲି ମଦ ଜବତ କରାଯିବା ସହିତ ଏହି କାରବାରରେ ୨ ଜଣଙ୍କୁ ଗିରଫ କରାଯାଇ ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଥିବା ଜଣାଯାଇଛି । ଆନନ୍ଦପୁର ଅବକାରୀ ଏଏସ୍‌ଆଇ ସୁଶାନ୍ତ କୁମାର ରାଉତ, ସଞ୍ଜୀବ କୁମାର ସେଠୀ, ସୁମନ୍ତ ବେହେରା, ଆରତୀ ବେହେରା, ଆଜି ଖାଲିଆମେଣ୍ଟା, ଗୋପାଳପୁର, ନିଆଳୀଝରଣ, ଚମାରପଶି ଓ ଗୋହିରା ନିକଟସ୍ଥ ମିଲସାହି ଅଞ୍ଚଳରେ ଚଢ଼ଉ କରିଥିଲେ । ମଦ ପ୍ରସ୍ତୁତ କରୁଥିବା ଶିବ ପ୍ରସାଦ ଟୁଡୁ ଓ ପମା ମାରାଣ୍ଡିଙ୍କୁ ଗିରଫ କରିବା ସହିତ ପ୍ରାୟ ୨୦ ଲିଟର ମହୁଲି ମଦ ଜବତ କରିଥିବା ଜଣାଯାଇଛି ।

## ସୋସୋ ଥାନା ଅଞ୍ଚଳରୁ ୫ ଗିରଫ

**ହାଟଡିହି, ୬।୧(ସମିସ):** ହାଟଡିହି ବ୍ଲକ ସୋସୋ ଥାନା ଅଧୀନରେ ଥିବା ବିଭିନ୍ନ ଗାଁରୁ ସୋସୋ ପୁଲିସ ଚଢ଼ଉ କରି ୫ଜଣଙ୍କୁ ଗିରଫ କରିଛି । ତେନ୍ତୁଳପଦି ଗ୍ରାମର ରଙ୍ଗନାଥଙ୍କ ପୁଅ ବସନ୍ତ, ବନ୍ତଲା ଗ୍ରାମର ନିତ୍ୟାନନ୍ଦ ସା'ଙ୍କ ଧର୍ମ ପତ୍ନୀ ଜ୍ୟୋସ୍ନାରାଣୀ ସା, ସୁନ୍ଦରାପାଳ ଗ୍ରାମର ଦୁଃଖିଶ୍ୟାମ ମୁଣ୍ଡାଙ୍କ ପୁତ୍ର ଶରତ ମୁଣ୍ଡା, ସଢା ଗ୍ରାମର ମାର୍କଣ୍ଡ ସା'ଙ୍କ ପୁତ୍ର ଦୈତାରୀ ସା, ବଉଳା ମଶାଣିପଦା ସାହିର ନିର୍ମଳ ମାହାପତ୍ରଙ୍କ ପୁଅ ରଞ୍ଜିତ ମହାପାତ୍ରଙ୍କୁ ପୁଲିସ ଚଢ଼ଉ କରି ଗିରଫ କରିଛି । ସେମାନଙ୍କୁ ସୋସୋ ପୁଲିସ୍ କୋର୍ଟଚାଲାଣ କରିଥିବା ପୁଲିସ ସୂଚନା ଦେଇଛି ।

## ୨୫ ଲିଟର ମହୁଲି ମଦ ଜବତ, ୨ଗିରଫ

**ହାଟଡିହି, ୬।୧(ସମିସ):** ହାଟଡିହି ବ୍ଲକ ସୋସୋ ଥାନା ଅଞ୍ଚଳରେ ସୋସୋ ପୁଲିସ ଚଢ଼ଉ କରି ୨ଜଣଙ୍କୁ ଗିରଫ କରିବା ସହିତ ୨୫ ଲିଟର ମହୁଲିମଦ ଜବଦ କରିଛି । ସେମାନେ ହେଲେ ଗୋହିରାବଣି ଗ୍ରାମର ଟୁଙ୍କୁଲୁ ହାସଁଦା ଓ ଗହଲଡାହି ଗ୍ରାମର ରାମ ମହାନ୍ତ । ସେମାନଙ୍କୁ ସୋସୋ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି ।

## ଧର୍ମ ପରାୟଣାଙ୍କ ପରଲୋକ



**ହାଟଡିହି, ୬।୧(ସମିସ):** ହାଟଡିହି ବ୍ଲକ ବଞ୍ଚୋ ଗ୍ରାମର ନକୁଳ ରାଉତଙ୍କ ଧର୍ମ ପତ୍ନୀ ରୁକ୍ମଣି ରାଉତ (୮୫)ଙ୍କର ପରଲୋକ ହୋଇଯାଇଛି । ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ, ସେହ୍ନୀ ମହିଳା ଭାବେ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ବନ୍ଧୁବାନ୍ଧବ ଓ ପଡୋଶୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ବଡପୁଅ ରବିନ୍ଦ୍ର, ଆନନ୍ଦ ଓ ବିନୋଦ ଉପସ୍ଥିତ ଥିବା ବେଳେ ଜ୍ୱାଇଁ ନବଘନ, ସୁରେନ୍ଦ୍ର ଏବଂ ପରିବାର ସଦସ୍ୟ ଉପସ୍ଥିତରେ ବୈତରଣୀ ନଦୀ କୁଳରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା

## ଚାରିଗଡ଼ରେ ସଡ଼କ ସୁରକ୍ଷା ସଚେତନତା

**ତେଲକୋଇ,୬।୧ (ସମିସ):** ତେଲକୋଇ ଚାରିଗଡ ମହାବିଦ୍ୟାଳୟ ସଭାଗୃହ ଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଡ଼କ ସୁରକ୍ଷା ଅଧିକାରୀ ତପନ କୁମାର ପାଢ଼ୀ, କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ସେଠୀ ଏବଂ ତେଲକୋଇ ଥାନା ଆଇଆଇସି ସରୋଜକାନ୍ତ ସାମଲ ଅନ୍ତର୍ଭୁକ୍ତ ରହିଥିଲେ । ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରିଥଲେ । ସେହିପରି ସମାଜରେ କିପରି ସଚେତନତା ସୃଷ୍ଟି ହେବ ତାହା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ଏବଂ ସମସ୍ତ କର୍ମଚାରୀ ବୃନ୍ଦ ସହ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ପୂର୍ବତନ ରାଜସ୍ୱ କର୍ମଚାରୀଙ୍କ ପରଲୋକ



**ଆନନ୍ଦପୁର,୬।୧ (ସମିସ):** ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ ଭୋଳନୂଆଗାଁ ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ବିଭାଗ କର୍ମଚାରୀ ଭାସ୍କର ଚନ୍ଦ୍ର ମିଶ୍ର( ୯୦)ଙ୍କ ପରଲୋକ ଘଟିଛି । କିଛିମାସ ହେଲା ସେ ଅସୁସ୍ଥ ଥିଲେ । ଗତକାଲି ଦିନ ସାଢ଼େ ୧୨ଟା ବେଳେ ନିଜ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିଲା । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ବିନୟ ଭୂଷଣ ମିଶ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ଗ୍ରାମରେ ଗଭୀର ଶୋକ ପ୍ରକାଶ ପାଇଛି ।

## ଆନନ୍ଦପୁରରେ ପ୍ରାକ୍ ନିର୍ବାଚନୀ ବୈଠକ



ଆନନ୍ଦପୁର,୬।୧ (ସମିସ): ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରାକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନିର୍ବାଚନ ଅଧିକାରୀ ସୁରେଶ କୁମାର ପଣ୍ଡା ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ର ପାଇଁ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଜଳ, ଏବିଡିଓ ଚିତ୍ତ କୁମାର କର, ଘସିପୁରା ଅଧିକାରୀ ବନଜା ପାତ୍ର ଉପସ୍ଥିତ ଥିଲେ । ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ଦଳୀୟ କର୍ମୀମାନେ ସହ ଯୋଗ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ସମସ୍ତ ବୁଥରେ ଏଜେଣ୍ଟ ନିଯୁକ୍ତି, ଇଭିଏମ ଓ ବାଲାଟ ପେପର, ନୋଟା ସମ୍ପର୍କରେ ସଚେତନତା, ପୋଷ୍ଟାଲ ବାଲାଟ ଓ ବରିଷ୍ଠ ନାଗରିକମାନଙ୍କ ମତଦାନ କିପରି ସୁବିଧାଜନକ ଭାବେ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବିଜେଡି ପକ୍ଷରୁ ରମାକାନ୍ତ ବେହେରା, କଂଗ୍ରେସ ପକ୍ଷରୁ ଶ୍ରୀଧର ଦଲେଇ, ବିଜେପି ପକ୍ଷରୁ ଡ଼ଃ ଦୀପକ ଜେନା ଏବଂ ସୁମନ୍ତ ମଲ୍ଲିକ, ହରିହର ଧଳ, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଜିର ବୈଠକରେ ଉପଜିଲ୍ଲାପାଳଙ୍କ ନିର୍ବାଚନ ସହଯୋଗୀ ଗୌରାଙ୍ଗ ଚରଣ ଜେନା ସହଯୋଗ କରିଥିଲେ ।

## ଢେଙ୍କିକୋଟ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ



**କେନ୍ଦୁଝର,୬।୧ (ସମିସ):** କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ଢେଙ୍କିକୋଟ ଆଞ୍ଚଳିକ ଏସ୍‌ଏନ୍ କଲେଜ ଠାରେ ନୂଆ-ଓ ଯୁବ ଓଡ଼ିଶା ନବିନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ କୁଳମଣି ମଣ୍ଡଳ, ମୁଖ୍ୟବକ୍ତା ଭାବେ ସରପଞ୍ଚ ଖଇର ନାଏକ, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ନୃସିଂହନାଥ ସିଂହ, ସଞ୍ଜୟ କୁମାର ସାହୁ, କବିନ୍ଦ୍ର ରାଉତ, ତପନ କୁମାର ବେହେରା ପ୍ରମୁଖ ଯୋଗଦାନ କରିଥିଲେ । କଲେଜର ଅଧକ୍ଷ ମୀନକେତନ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଦିବସରେ ସଂଗୀତ, ନୃତ୍ୟ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲ । ଆସନ୍ତା ୧୨ ତାରିଖ ଦିନ ଉଦଯାପନୀ ଦିବସ ପାଳିତ ହେବ । ଅନ୍ୟମାନଙ୍କ ମଧ୍ୟରେ ଧୃବାନନ୍ଦ ସାହୁ, ରବିନ୍ଦ୍ର କୁମାର ସାହୁ, ଜଗବନ୍ଧୁ ମିଶ୍ର, ମନୋଜ ମଞ୍ଜରୀ ବେହେରା, ଯଶୋବନ୍ତ ପତି, ସୌଦାଗର ମହାନ୍ତ, ପ୍ରଦତ୍ତ ଶେଖର ବେହେରା, ଯଦୁମଣି ପାତ୍ର, ଅଶୋକ ପହି ଓ ମହେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ରାଜ୍ୟ ସମ୍ମିଳନୀରେ ତାଳଗାଁ ପାଲା ମଞ୍ଚ ସମ୍ମାନିତ



**ଆନନ୍ଦପୁର,୬।୧ (ସମିସ):** ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦର ୪୬ତମ ରାଜ୍ୟସ୍ତରୀୟ ସମ୍ମିଳନୀରେ ତାଳଗାଁ ପାଲା ମଞ୍ଚକୁ ସମ୍ବର୍ଦ୍ଧିତ କରାଯାଇଛି । ସଂଘର ସଭାପତି ମଦନ ମୋହନ ଜେନା, ସାଧାରଣ ସମ୍ପାଦକ ବସନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ମାର୍ଗଦର୍ଶକ ଶ୍ରୀମଦ ବାବା ବଳିଆ, ତାଳଗାଁ ମଞ୍ଚର ସଭାପତି ଶ୍ରୀଧର ଚକ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ତାଳଗାଁ ସତ୍ୟନାରାୟଣ ପାଲାମଞ୍ଚର କର୍ମକର୍ତ୍ତା ଦୈତାରୀ ମହାକୁଡ,ମୋହନଚରଣମହାନ୍ତି,ସୁଦର୍ଶନମହାନ୍ତି,କ୍ଷେତ୍ରବାସୀମହାନ୍ତିଙ୍କୁରାଜ୍ୟପାଲାପରିଷଦ ଅନୁଷ୍ଠାନର ଅଧକ୍ଷ ଯୁଧିଷ୍ଠିର ପରିଡ଼ା ଓ ସମ୍ପାଦକ ସୁଦର୍ଶନ ମହାପାତ୍ର ସମ୍ମାନିତ କରିଥିଲେ ।

## ଜଗନ୍ନାଥ ରଥ ପରିକ୍ରମା ପାଇଁ ପ୍ରସ୍ତୁତି ବୈଠକ



**ହାଟଡିହି, ୬।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବ ପାଇଁ ଜଗନ୍ନାଥ ରଥ ପରିକ୍ରମା କରିବାକୁ ଯାଇଛି । କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏକ ବୈଠକରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିପିଇଓ ଶରତ କୁମାର ବେଜ, ସିପି ସୁବ୍ରତ ନାୟକ ଉପସ୍ଥିତ ଥିବା ବେଳେ ବ୍ଲକର ସବୁ ପଞ୍ଚାୟତରୁ ସରପଞ୍ଚ, ପିଇଓ ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା ୮ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ଏହି ରଥ ପରିକ୍ରମା କରିବ ବୋଲି ଆଲୋଚନା କରାଯାଇଥିଲା । ଯେଭଳି ଲୋକମାନେ ଅଧିକ ମାତ୍ରାରେ ଯୋଗଦେଇ ଜଗନ୍ନାଥ ରଥକୁ ସ୍ୱାଗତ କରିବେ ସେ ନେଇ ଆଲୋଚନା କରାଯାଇଥିଲା ।

## ଟୋଲଙ୍କପଡ଼ା ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



**ବେଲବାହାଳି,୬।୧ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଜି ବାର୍ଷିକ କ୍ରୀଡ଼ା ମଙ୍ଗଳପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ାରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନେ ୧୦୦ ମିଟର,୨୦୦ ମିଟର, ଲମ୍ବଡିଆଁ, ଉଚ୍ଚଡିଆଁ, ଗଣିତଦୌଡ଼, ଦଉଡ଼ିଡିଆଁ, ଝୋଟି, ମୁରୁଜ, ଚିତ୍ରାଙ୍କନ, ସଙ୍ଗୀତ ନୃତ୍ୟ, ସାଧାରଣଜ୍ଞାନ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଭାଗ ନେଇଥିଲେ । ଶିକ୍ଷକ ପ୍ରସନ୍ନ କୁମାର ରାଉତ, ବିଭୂତିଭୂଷଣମଲ୍ଲିକ, ନିହାରରଞ୍ଜନଜେନା, ବୋଧିରାମସା, ଦେବକୀ ଖୁଣ୍ଟିଆ, ଦୁଃଖିନୀ ସାହୁ ଓ ସନ୍ତୋଷ କୁମାର ପରିଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ । ବିଦ୍ୟାଳୟ କମିଟିର ସଦସ୍ୟ ବୈଲୋଚନ ମହାରଣା, ବିଚିତ୍ରନାଥ ସାହୁ, ଆନନ୍ଦ ସାହୁ, ଛବିଳ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଶାନ୍ତ କୁମାର ବେଜ ଓ ସଦସ୍ୟା ସବିତା ଦାସ, ମୀନାରାଣୀ ଖୁଣ୍ଟିଆ, କୁନି ସାହୁ, ଶକୁନ୍ତଳା ପଣ୍ଡା, ମନୋଜ ମଞ୍ଜରି ସା ଓ ଗୀତାଞ୍ଜଳି ଦେବତା ପ୍ରମୁଖ ସଫଳତା ପାଇଁ ସହଯୋଗ କରିଥିଲେ ।

## ମାଟ୍ରିକ ପରୀକ୍ଷା ପାଇଁ ୨୫ ହଜାର ଫର୍ମପୂରଣ

**କେନ୍ଦୁଝର,୬।୧(ସମିସ):** ଆଗାମୀ ମାଟ୍ରିକ ପରୀକ୍ଷା ନିମନ୍ତେ ୨୫,୨୮୦ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ଜଣାପଡିଛି । ଜିଲ୍ଲାର ୧୩୭ଟି ପରୀକ୍ଷାକେନ୍ଦ୍ରରେ ଏହି ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସୂଚନାମିଳିଛି । ସୂଚନା ଅନୁସାରେ ୨୫ଲ୨୮୦ ଜଣ ରେଗୁଲାର, ୫୬ ଜଣ ଏକ୍ସ ରେଗୁଲାର, ୭ ୯ ଜଣ ମଧ୍ୟମା ଓ ୪୦୦ ଜଣ ଛାତ୍ରଛାତ୍ରୀ ଏସ୍‌ଆଇଓଏସ୍ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି ।

**୧୩୭ ପରୀକ୍ଷା କେନ୍ଦ୍ରରେ ଦେବେ ପରୀକ୍ଷା**

ଆଗାମୀ ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲାରେ ୧୧ ଗୋଟି ନୋଡାଲ ସେଣ୍ଟର, ୪୦ଟି ଡେସ୍‌ପାଚ ଟିମ୍, ପରୀକ୍ଷା ପାଇଁ ୧୩୭ଟି ସେଣ୍ଟର, ୨ଟି ମଧ୍ୟମା ସେଣ୍ଟର, ଏବଂ ୨ଟି ଏସ୍‌ଆଇଓଏସ୍ ପରୀକ୍ଷା ସେଣ୍ଟର ହେବ ବୋଲି ଜଣାପଡିଛି ।

## ଜାତୀୟ ସଫ୍ଟ ବଲ ପାଇଁ ଦେବକୀନନ୍ଦନ ମନୋନୀତ



**ଆନନ୍ଦପୁର,୬।୧ (ସମିସ):** ଆନନ୍ଦପୁର ବିଏନ୍ ହାଇସ୍କୁଲର ଛାତ୍ର ଦେବକୀନନ୍ଦନ ମିଶ୍ର ଜାତୀୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି । ବାଲେଶ୍ୱର ରେମୁଣାଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଫ୍ଟ ବଲ ପ୍ରତିଯୋଗିତାରେ ସେ ଚମତ୍କାର ପରିଦର୍ଶନ କରି ୧୭ ବର୍ଷରୁ କମ୍ ବର୍ଗରେ ଜିଲାର ଏକମାତ୍ର ଖେଳାଳି ଭାବେ ସେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ରାଜସ୍ଥାନର ବିକାନିରରେ ଆସନ୍ତା ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ସେ ଓଡିଶା ଦଳକୁ ପ୍ରତିନିଧିତ୍ୱ କରିବେ । ଦେବକୀନନ୍ଦନ ଘସିପୁରାର କାର୍ତ୍ତିକେଶ୍ୱର ମିଶ୍ରଙ୍କ ପୁତ୍ର ଅଟନ୍ତି ।

## ଆନନ୍ଦପୁର ମହୋତ୍ସବ ପାଇଁ ଲେଖା ଆବଶ୍ୟକ

**ଆନନ୍ଦପୁର,୬।୧ (ସମିସ):** ଆଗାମୀ ୩୦ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଆନନ୍ଦପୁର ମହୋତ୍ସବର ମୁଖପତ୍ର 'ଅଳସୀ' ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଅଧକ୍ଷ ଚିତ୍ତରଞ୍ଜନ ମହାନ୍ତଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତି ଅନୁଯାୟୀ ଆଗାମୀ ୨୦ ତାରିଖ ମଧ୍ୟରେ ଆନନ୍ଦପୁର ଉପଖଣ୍ଡର କଳା, ସାହିତ୍ୟ, ସଂସ୍କୃତ, ଐତିହ୍ୟ, ପରମ୍ପରା , ଗମନାଗମନ, ପର୍ଯ୍ୟଟନ ଆଦି ସମ୍ପର୍କିତ ପ୍ରବନ୍ଧ ଆଲୋଚନା ଓ କ୍ଷୁଦ୍ର କବିତାମାନ ଉପଜିଲ୍ଲାପାଳଙ୍କ ବାସଭବନ ଠିକଣାରେ ପଠାଇବା ପାଇଁ ନିଷ୍ପତି ନିଆଯାଇଛି । ଉକ୍ତ ବୈଠକରେ 'ଅଳସୀ' ସଂପାଦନା ମଣ୍ଡଳୀର ସଦସ୍ୟ ଡ. ରାମଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ଚକ୍ର, ରମାକାନ୍ତ ନାୟକ, ଡ. ଅଶୋକ କୁମାର ପୁହାଣ, ଡ. ରତ୍ନାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କନକମଞ୍ଜରୀ ମହାବିଦ୍ୟାଳୟ ସଡ଼କ ସୁରକ୍ଷା ସଚେତନତା




**ଆନନ୍ଦପୁର,୬।୧(ସମିସ):** ସ୍ଥାନୀୟ ଶାଳପଡାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ସୌଭାଗ୍ୟମୟୀ ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିଜେ ସଚେତନ ରହି ଅନ୍ୟମାନଙ୍କୁ ସଚେତନ କରି ପାରିଲେ ବହୁମାତ୍ରାରେ ଦୁର୍ଘଟଣା ରୋକାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧାପିକା ଛନ୍ଦାଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରୀମାନେ ଏକ ଶୋଭା ଯାତ୍ରାରେ ବାହାରି ବିଭିନ୍ନ ପ୍ରକାର ସ୍ଲୋଗାନ ମାଧ୍ୟମରେ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପିକା କନକଲତା ହେମ୍ବ୍ରମ, ବନିତା ରାଉତ, ଗୀତାଞ୍ଜଳି ମିଶ୍ର, ଅଧାପକ ଚିନ୍ତାମଣି ବେହେରା, ଯତୀନ୍ଦ୍ର କୁମାର ବେହେରା, ଅନାଦି ଚରଣ ଜେନା, ମହାବିଦ୍ୟାଳୟ କର୍ମଚାରୀ ପ୍ରଶନ୍ନ କୁମାର ସାହୁ, ଅନିଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଟ୍ରକ୍ ମାଲିକ ସଂଘ ମାମଲା ଖାରଜ

# ନିର୍ବାଚନ ପାଇଁ ଆଶାୟୀଙ୍କ ସଜବାଜ

ଆନନ୍ଦପୁର,୬।୧ (ସମିସ)

ବହୁ ପ୍ରତିକ୍ଷୀତ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ବିଭିନ୍ନ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିବା ବେଳେ ଏନେଇ ହୋଇଥିବା ମାମଲା ଖାରଜ ହୋଇଯିବାରୁ ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ପୁଣି ଆଶାର ସଂଚାର ହୋଇଛି । ସଂଘ ମଧ୍ୟରେ ବିବାଦକୁ ନେଇ ପ୍ରଥମେ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିବା ବେଳେ ନ୍ୟାୟାଳୟ ନିର୍ବାଚନ କରାଇବାକୁ ଆଇଜିଆର୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଇଜିଆର୍ କର୍ତ୍ତୃପକ୍ଷ ନିଜର ଅକ୍ଷମତା ପ୍ରକାଶ କରି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉକ୍ତ ମାମଲା ଖାରଜ ହୋଇଯାଇଥିବାରୁ ଟ୍ରକ୍ ସଂଘ ନିର୍ବାଚନ ପାଇଁ ଥିବା ସମସ୍ୟା ଦୂର ହୋଇଥିବା କୁହାଯାଉଛି । ସୂଚନାଯୋଗ୍ୟ ଯେ, ୨୦୨୨ ମସିହା ସେପ୍ଟେମ୍ବର ମାସରେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଅଭିଯୋଗର ଶୁଣାଣି କରି ନଭେମ୍ବର ୧୫ ସୁଦ୍ଧା ଟ୍ରକ୍ ମାଲିକ ସଂଘ ନିର୍ବାଚନ ସାରିବାକୁ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେସନ ଓଡିଶାକୁ ନିର୍ଦ୍ଦେଶ ଦେଇଥିଲେ । ଇନ୍ସପେକ୍ଟର ଜେନେରାଲ ରାଜ୍ୟ ସରକାରଙ୍କ ଆଇନ ବିଭାଗରୁ ଏହା ଉପରେ ମତାମତ ଗ୍ରହଣ କରିବା ପରେ ଏହି ନିର୍ଦ୍ଦେଶ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଚଳିତ ମାସ ୪ ତାରିଖରେ ଉକ୍ତ ମାମଲାଟି ଖାରଜ ହୋଇଯାଇଥିବାରୁ କେନ୍ଦୁଝର ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏ ସମ୍ପର୍କରେ ଆଇଜିଆର ସୁବ୍ରତ ଶତପଥୀ କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପହଞ୍ଚିଲା ପରେ ନିର୍ବାଚନ ପାଇଁ ପଦକ୍ଷେପ ନିଆଯିବ । ଏ ସମ୍ପର୍କରେ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପୂର୍ବତନ କୋଷାଧକ୍ଷ ପ୍ରଭାତ ରାଉତ, ଅୟସକାନ୍ତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏପରି ନିଷ୍ପତି ସ୍ୱାଗତ ଯୋଗ୍ୟ ଏବଂ ଏହା ନ୍ୟାୟର ବିଜୟ ବୋଲି କହିଛନ୍ତି ।

ସକାଳ THE SAKALA

ମୟୂରଭଞ୍ଜ
www.sakalaepaper.com

# ହିନ୍ଦୁଧର୍ମକୁ ଫେରିଲେ ପରିବାରର ୪ ସଦସ୍ୟ

ମହୁଲଡିହା, ୬।୧(ସମିସ)



ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳର ସୀମାନ୍ତ କେନ୍ଦୁଝର ଜିଲ୍ଲା ମନୋହରପୁର ଫାଣ୍ଡି ଅଧୀନ ଅସନବଣି ଗାଁରେ ବିଶ୍ୱହିନ୍ଦୁ ପରିଷଦ ଆନୁକୂଲ୍ୟରେ ଏକ ଘରବାହୁଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଗୋଟିଏ ପରିବାରର ୪ଜଣ ମୂଳ ସତ୍ୟସନାତନ ହିନ୍ଦୁଧର୍ମକୁ ସ୍ୱଇଛାରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସମୟ କ୍ରମେ କିଛି ଲୋକଙ୍କ ସଂସ୍ପର୍ଶରେ ଆସି ପ୍ରାୟ ୪/୫ ବର୍ଷ ପୂର୍ବରୁ ଏହି ପରିବାର ଅନ୍ୟ ଧର୍ମରେ ଦୀକ୍ଷିତ ହୋଇଥିଲେ। ଗୃହକର୍ତ୍ତା ବିକ୍ରମ ମୁଣ୍ଡା ଓ ୩ ଜଣ ମହିଳାଙ୍କ ସମେତ ୪ଜଣ ଅନ୍ୟ ଧର୍ମ ପରିତ୍ୟାଗ କରି ବିଧିମତେ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି। ପରିବାରର ସମସ୍ତ ସଦସ୍ୟ ବିଭିନ୍ନ ସାମାଜିକ ସମସ୍ୟାର ସମ୍ମୁଖୀନ ହେବା ସହ ତାଙ୍କୁ ଠକେଇ ଧର୍ମ ପରିବର୍ତ୍ତନ କରାଯାଇଥିବା ନିଜେ ହୃଦବୋଧ କରିବା ପରେ ହିନ୍ଦୁଧର୍ମକୁ ଫେରିବା ପାଇଁ ମନସ୍ଥ କରିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ବିଶ୍ୱହିନ୍ଦୁ ପରିଷଦ ଆନନ୍ଦପୁର ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଯୋଗାଯୋଗ କରିଥିଲେ। ଗ୍ରାମବାସୀ, ମୟୂରଭଞ୍ଜ ବିଭାଗ ସଂଘଚାଳକ ରତିକାନ୍ତ ବୈଦ୍ୟ, ପ୍ରାନ୍ତ ହୋ/କୋହ୍ଲ/ମୁଣ୍ଡା ପରିଯୋଜନା ପ୍ରମୁଖ ପାଳିଆର ପାଲେୟା, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଜୀବନ ସଦସ୍ୟ ରବୀନ୍ଦ୍ର ପ୍ରସାଦ ଚାନ୍ଦ, ବିଶ୍ୱହିନ୍ଦୁ ପରିଷଦ ଆନନ୍ଦପୁରର ବରିଷ୍ଠ କାର୍ଯ୍ୟକର୍ତ୍ତା ଚିତ୍ତରଞ୍ଜନ ଦାସ, ଦିବ୍ୟଜ୍ୟୋତି ମୁଦୁଲି (ସହ ସଂଯୋଜକ ବଜରଙ୍ଗ ଦଳ), ଯଦୁନାଥ ମହାନ୍ତ (ରାଇରଙ୍ଗପୁର ଜିଲ୍ଲାସମ୍ପାଦକ ବିହିପ), ତୃପ୍ତିରଞ୍ଜନ ସାହୁ (ଆନନ୍ଦପୁର ଖଣ୍ଡ ସଂଯୋଜକ ସାହିତ୍ୟ ପରିଷଦ), ପ୍ରଭାକର ମିଶ୍ର (ଠାକୁରମୁଣ୍ଡା ଖଣ୍ଡ ସମ୍ପର୍କ/ବ୍ୟବସ୍ଥା ପ୍ରମୁଖ) ଓ ଆନନ୍ଦପୁର ଜିଲ୍ଲା ଧର୍ମ ରକ୍ଷା ଓ ଧର୍ମ ପ୍ରସାର ପ୍ରମୁଖ ଅକ୍ଷୟ କୁମାର ସାହୁଙ୍କ ଉପସ୍ଥିତିରେ ଗୃହଫେରନ୍ତାଙ୍କୁ ଶୌଚ ପରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରି ମୂଳ ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଗ୍ରାମର ନନ୍ଦ ମୁଣ୍ଡା, ସାହେବ ବାନସିଂ, ତୁରୀ ହୋ, ଶିବପ୍ରସାଦ ମହାନ୍ତ, ମୁକ୍ତିକାନ୍ତ ମହାନ୍ତ, ଡମ୍ବୁରୁଧର ମହାନ୍ତ, ଅଲେଖ ସେଠୀ ଓ ଜୟରାମ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସିରିଜ୍ ଦୁର୍ଘଟଣା

# ଟ୍ରେଲର୍, ୨ କାର୍ ଚୁର୍ମାର୍; ୨ ଆହତ

**ବାରିପଦା, ୬।୧ (ସମିସ):** ଶନିବାର ରାତି ସାଢେ ୮ଟାରେ ୧୮ ନଂ ଜାତୀୟରାଜପଥ କୋଚ୍ଛିମବିଲା ଛକରେ ସରିଜ ଦୁର୍ଘଟଣା ଘଟି ଏକ ଟ୍ରେଲର୍ ଏବଂ ଦୁଇଟି କାର୍ ଚୁରମାର ହୋଇଯାଇଛି। ଏହି ଦୁର୍ଘଟଣା ଯୋଗୁ ଯାତାୟାତ ପ୍ରଭାବିତ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନୀଳ କାର୍‌ର ମାଲିକ ବାଲେଶ୍ୱର ସହର ଉପକଣ୍ଠ ମୋତିଗଞ୍ଜ ଅଞ୍ଚଳର ରତ୍ନାକର ଖଟୁଆଙ୍କ ପୁଅ ସତ୍ୟରଞ୍ଜନ ଖଟୁଆ ଏବଂ ଚାଳକ ରାଇରଙ୍ଗପୁର ଅଞ୍ଚଳର ପ୍ରଦୀପ ମହାନ୍ତଙ୍କ ପୁଅ ସୁବ୍ରତ ମହାନ୍ତ। ଖବର ପାଇ ବେତନଟୀ ପୁଲିସ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି। ସୂଚନା ମୁତାବକ ଏକ ଟ୍ରଲର ଏବଂ ଦୁଇଟି କାର୍ ବାରିପଦାରୁ ବେତନଟୀ ଅଭିମୁଖେ ଯାଉଥିଲା। କୌଣସି କାରଣରୁ କୋଚ୍ଛିମବିଲା ଛକରେ ଟ୍ରଲର ଏବଂ ଦୁଇଟି କାର ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ କାରଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଏକ ଗଛରେ ପିଟି ହୋଇଯାଇଥିବା ବେଳେ ଅନ୍ୟ ଏକ କାର୍‌ଟି ଟ୍ରଲର ଭିତରେ ପଶି ଯାଇଥିଲା। ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। କାରରେ ଥିବା ଏକାଧିକ ଲୋକ ଗୁରୁତର ଆହତ ହୋଇଥିବାବେଳେ ସମସ୍ତଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖା ଯିବା ବେଳକୁ ସମସ୍ତଙ୍କ ଆଶୁ ଚିକିତ୍ସା ଜାରି ରହିଛି।



# ‘ମକର ମିଳନ’ ଉତ୍ସବ ପ୍ରସ୍ତୁତି ବୈଠକ



**ସାରସକଣା/ଝାରପୋଖରିଆ, ୬।୧(ସମିସ):** ଆଗାମୀ ମକର ସଂକ୍ରାନ୍ତି ଉପଲକ୍ଷେ ସାରସକଣାଠାରେ ପାରମ୍ପରିକ ‘ମକର ମିଳନ’ ଉତ୍ସବ ଅନୁଷ୍ଠିତ ହେବ। ନନ୍ଦିଘୋଷ ସାହିତ୍ୟ ସମାଜ ଆନୁକୂଲ୍ୟରେ ସାହିତ୍ୟ ପତ୍ରିକା ‘ମକର ମଣ୍ଡା-୨୦୨୪’ର ରୂପରେଖ ପ୍ରସ୍ତୁତ ନିମନ୍ତେ ସ୍ଥାନୀୟ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠରେ ପ୍ରାଙ୍ଗଣରେ ୫ ତାରିଖରେ ଏକ ଆଲୋଚନା ସଭାର ଆୟୋଜନ ହୋଇଥିଲା। ସଭାରେ ବରିଷ୍ଠ ସଦସ୍ୟ ତଥା ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବା ବେଳେ ଉତ୍ସବକୁ ସର୍ବାଙ୍ଗ ସୁନ୍ଦର ଏବଂ ଆକର୍ଷଣୀୟ କରିବା ଲାଗି ‘ମକର ମଣ୍ଡା’ ପରିବାରର ସଦସ୍ୟ ସର୍ବଶ୍ରୀ ସୁରଥ କୁମାର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ମନୋଜ କୁମାର ସାହୁ, ପ୍ରଦୀପ କୁମାର ପାଲିତ, ଚନ୍ଦ୍ରଶେଖର ସାହୁ, ପ୍ରଶାନ୍ତ ସାହୁ, ଶାନ୍ତନୁ କୁମାର ଭୋଳ, ନବକିଶୋର ସେଠୀ ଓ ରବୀନ୍ଦ୍ର ନାଥ ଭୋଳ ପ୍ରମୁଖ ପରାମର୍ଶ ଦେଇଥିଲେ। ନନ୍ଦିଘୋଷ ସାହିତ୍ୟ ସମାଜର ସମ୍ପାଦକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ




**କରଞ୍ଜିଆ, ୬।୧(ସମିସ):** କରଞ୍ଜିଆ ବ୍ଲକର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେରକେରା ଉଚ୍ଚ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାନୁମତୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶରତ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ରେଣୁଧର ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଶିକ୍ଷକ ବିନୋଦ ବିହାରୀ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମୁକେଶ କୁମାର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଖଡ଼ାଶାଳରୁ ସୁନାରୁପା ସମେତ ଟଙ୍କା ଚୋରି

**କଳାବାଡିଆ, ୬।୧(ସମିସ):** ବାଙ୍ଗିରିପୋଷି ଥାନା କଳାବାଡିଆ ପଞ୍ଚାୟତ ଆଖଡ଼ାଶାଳ ଗ୍ରାମର ନିରଜ ବିନ୍ଧାଣି ଘରେ ନଥିବା ବେଳେ ପୂର୍ବାହ୍ନରେ ଏକ ବାଇକ୍‌ରେ ଦୁଇ ଜଣ ଆସି ୩୦ ହଜାର ଟଙ୍କା ସହିତ ଗୋଟିଏ ହାର, କାନଫୁଲ, ରୁପା ପାଉଁଜି ନେଇ ଫେରାର ହୋଇଯାଇଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**କରଞ୍ଜିଆ, ୬।୧(ସମିସ):** କରଞ୍ଜିଆ ବ୍ଲକର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଣମତଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା କସ୍ତୁରୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉତ୍ସବରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବିପିନ ବିହାରୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ଦଳେଇ, ଆରତୀ ଦାସ, ପରିଚାଳନା ସଭାପତି ଫକୀର ମହୋନ ଦାସ, ଉମାଶଙ୍କର ଦାସ ଯୋଗ ଦେଇଥିଲେ। ପିଲାଙ୍କ ପ୍ରତିଭାର ବିକଶିତ କରିବା ପାଇଁ ବହୁ ଯୋଜନା କାର୍ଯ୍ୟ କରୁଛନ୍ତି। ପିଲାଙ୍କ ଲୁକାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଆମ ଅଡିଶା ନବୀନ ଓଡ଼ିଶା ଏକ ପ୍ରୟାସ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୟ ସାହା, କ୍ଷୀରୋଦ ଚନ୍ଦ୍ର ଗିରି ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କ୍ଷିରୋଦ ଗିରି ଧନ୍ୟବାଦ ଦେଇଥିଲେ।

# କରଞ୍ଜିଆରେ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ସମୀକ୍ଷା ବୈଠକ



**କରଞ୍ଜିଆ, ୬।୧(ସମିସ):** ଶନିବାର ପୂର୍ବାହ୍ନରେ ପାଞ୍ଚପିଢ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼ ସୁରେଶ ଚନ୍ଦ୍ର ଦଳେଇ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରେ ହୋଇଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ସରକାରଙ୍କ ସବୁ ଯୋଜନା ଲୋକଙ୍କ ନିକଟରେ ଯେପରି ପହଞ୍ଚିବ ସେ ନେଇ ସମସ୍ତ ବିଡିଓଙ୍କୁ ବୁଝାଇଥିଲେ। ତୁରନ୍ତ ଯୋଜନାଗୁଡିକ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସମେତ ମୟୂରଭଞ୍ଜ ଏପିଡି ଦେବାଶିଷ ମହାପାତ୍ର, ରାଇରଙ୍ଗପୁର ଏଡିଏମ ଦୌଲତ ଚନ୍ଦ୍ରକାର, ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କରଞ୍ଜିଆ ବିଡ଼ିଓ ସୁଶାନ୍ତ କୁମାର ସୂତାର, ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅସିତ କୁମାର ମହାକୁଡ଼, ଦିନେଶ କୁମାର ସାହୁ, ବ୍ଲକର ଧିରେନ କୁମାର ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ




**ରାଇରଙ୍ଗପୁର, ୬।୧(ସମିସ):** ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଉପଜିଲ୍ଲାପାଳ ସରୋଜ କୁମାର ଦାଶ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସନ୍ଦୀପ ପାଇକରାୟ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ରଥ ଉଦଘାଟିତ ହୋଇଯାଇଛି। ଏହି ରଥ ବିଭିନ୍ନ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିବ। ବିଶେଷ କରି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ଚାଳନା, ହେଲମେଟ ପିନ୍ଧିବା, ଗାଡି ଚଳାଇବା ବେଳେ ସିଟବେଲ୍ଟ ବ୍ୟବହାର, ମଦ ପିଇ ଗାଡି ନ ଚଳାଇବା, ଦ୍ରୁତଗତିରେ ଅଭରଟେକ ନକରିବା, ଗାଡି ଚଳାଉଥିବା ସମୟରେ ମୋବାଇଲ ବ୍ୟବହାର ନ କରିବା, ଗାଡି ଚାଳନା ସମୟରେ ଜେବ୍ରା କ୍ରସିଂ ବ୍ୟତୀତ ରାସ୍ତାର ଅନ୍ୟ ସ୍ଥାନରେ ରାସ୍ତା ପାର ନ ହେବା, ଗାଡିରେ ଯାତ୍ରୀଙ୍କ ସଂଖ୍ୟାଠାରୁ ଅଧିକ ଯାତ୍ରୀ ନେବା ଆଣିବା ନ କରିବା, ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ନିକଟରେ ଗାଡି ଚାଳନା କରି ଅତିକ୍ରମ କରିବା ସମୟରେ ସତର୍କତା ଅବଲମ୍ବନ ଆଦି ସମ୍ପର୍କରେ ଏହି ରଥ ସଚେତନତା କରିବ। ଏହି ରଥ ସହର ପରିକ୍ରମା କରି ଲୋକମାନଙ୍କୁ ‘ସଡ଼କ ସୁରକ୍ଷା ପରିବାର ରକ୍ଷା’ ଏବଂ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ବାର୍ତ୍ତା ପହଞ୍ଚାଇବ। ଏଥିରେ ରାଇରଙ୍ଗପୁର ଅଞ୍ଚଳ ଶିକ୍ଷିନୁଷ୍ଠାନ ଛାତ୍ରଛାତ୍ରୀ, ରୋଟାରୀ କ୍ଲବର ସଦସ୍ୟ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଅଧ୍ୟାପକ ବିଜୟ ରାମ, ଲିଟିଲ ଫ୍ଲାୱାର ସ୍କୁଲର କାଳୀପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାରେ ରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।



**ବିଶୋଇ:** ଗତ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଶୋଇ ଥାନା ଆନୁକୂଲ୍ୟରେ ଆଜି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଆଶୁତୋଷ ନାଏକଙ୍କ ଉପସ୍ଥିତିରେ ଥାନା ଅଧିକାରିଣୀ ମିନି ଭୋଇ ସଡ଼କ ସୁରକ୍ଷା ସଚେତନତା ରଥକୁ ଉଦଘାଟନ କରିଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ବିଶୋଇ ଥାନା ପରିସରରୁ ବାହାରି ବିଶୋଇ ବ୍ଲକ ଛକ ଓ ବଜାର ପରିକ୍ରମା କରି ଟ୍ରାଫିକ ସିଗ୍ନାଲ ଓ ନିୟମକୁ କଡାକଡି ମାନି ସୁରକ୍ଷିତ ଢଙ୍ଗରେ ଗାଡ଼ି ଚାଳନା କରି ନିଜ ଜୀବନକୁ ସୁରକ୍ଷିତ ରଖିବାକୁ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସେହିପରି ହେଲମେଟ ପିନ୍ଧି ନ ଥିବା ବାଇକ ଚାଳକ ଓ ସିଟବେଲ୍ଟ ପିନ୍ଧି ନ ଥିବା କାର ଚାଳକଙ୍କୁ ପୁଲିସ ଗୋଲାପ ଫୁଲ ଦେଇ ସଚେତନତା କରାଯିବା ସହିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା କରାଯାଇଥିଲା। ଏହି ରଥ ବିଶୋଇ ବଜାର ପରିକ୍ରମା କରି ଲୋକମାନଙ୍କୁ ‘ସଡ଼କ ସୁରକ୍ଷା ପରିବାର ରକ୍ଷା’ ଏବଂ ‘ସଡ଼କ ସୁରକ୍ଷା ଜୀବନ ରକ୍ଷା’ ସମ୍ପର୍କରେ ଥାନା ଅଧିକାରିଣୀ ମିନି ଭୋଇ ବାର୍ତ୍ତା ଦେଇଥିଲେ।

# ୫-ଟି ଅଧକ୍ଷଙ୍କୁ ଅଭିନନ୍ଦନ ଜଣାଇଲା ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ




**ଭୁବନେଶ୍ୱର, ୬।୧(ସମିସ):** ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘର ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ ‘୫-ଟି’ ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଅଭିନ୍ଦନ ଜଣାଇଛନ୍ତି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ନେତୃତ୍ୱରେ ନବୀନ ନିବାସରେ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଏବଂ ଶ୍ରୀ ପାଣ୍ଡିଆନଙ୍କୁ ଆଦିବାସୀ ବେଶଭୂଷା ବାଦ୍ୟ ସହ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ପରେ ଆଦିବାସୀମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ସରକାରଙ୍କ ତରଫରୁ ରାଜ୍ୟର ୧କୋଟି ଆଦିବାସୀ ତଥା ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସୁବିଧା ପାଇଁ ଭୁବନେଶ୍ୱରରେ ରାଜ୍ୟ ଆଦିବାସୀ ଭବନ ନିର୍ମାଣ କରିବା ସହିତ ରାଜ୍ୟର ଆଦିବାସୀମାନଙ୍କ ସାମୂହିକ ସ୍ୱାର୍ଥ ସୁରକ୍ଷା ତଥା ବିକାଶ ବିଷୟରେ ଉପସ୍ଥାପନ କରିଥିଲେ। ଅନୁସୂଚିତ ଅଞ୍ଚଳରେ ଆଦିବାସୀ ଜମି ବିକ୍ରି ବନ୍ଧକ ହସ୍ତାନ୍ତର ସମ୍ପର୍କିତ ଆଦିବାସୀ ପରାମର୍ଶଦାତା ପରିଷଦର ସୁପାରିଶ ଏବଂ କ୍ୟାବିନେଟ୍ ଆଲୋଚନାକୁ ମୁଖ୍ୟମନ୍ତ୍ରୀ ପ୍ରତ୍ୟାହାର କରିଥିବାରୁ ଆଦିବାସୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟସ୍ତରୀୟ ଆଦିବାସୀ ପ୍ରତିନିଧି ଦଳରେ ସଭାପତି ବାଳକୃଷ୍ଣ ଶବର, ଉପସଭାପତି ରାଜୀବ ମଲ୍ଲିକ, ରାମ ଶବର, ପରମାନନ୍ଦ ମାଝୀ, ଚନ୍ଦ୍ରଶେଖର ବାଗଙ୍କ ସମେତ ବହୁ ନେତା ସାମିଲ ଥିଲେ।

# ଶିକ୍ଷକ ରାଧାକାନ୍ତ ମହାରଣାଙ୍କୁ ‘ଶିକ୍ଷକ ଗୌରବ ସମ୍ମାନ’

**ରାଇରଙ୍ଗପୁର, ୬।୧(ସମିସ):** ତିରିଂ ବ୍ଲକ ସୀମାନ୍ତ ନୂଆଡିହି ସ୍ଥିତ ଯଦୁନାଥପୁର ସୀମାନ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଧାକାନ୍ତ ମହାରଣାଙ୍କୁ ‘ଶିକ୍ଷକ ଗୌରବ’ରେ ସମ୍ମାନିତ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ମହାରଣାଙ୍କୁ ଶିକ୍ଷକ ଗୌରବରେ ସମ୍ମାନିତ କରିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଝାରଖଣ୍ଡ ରାଜ୍ୟର ସୀମାକୁ ଲାଗିଥିବା ଆଦିବାସୀ ବହୁଳ ଅଞ୍ଚଳରେ



ବାରିପଦା ନିକଟ ବାଘିଆଶୋଳ ଆବାସିକ ବିଦ୍ୟାଳୟରେ ଆୟୋଜିତ ବାର୍ଷିକ ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଣଶିକ୍ଷା ତଥା ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ସମ୍ମାନିତ ଅତିଥି ରୂପେ ପୂର୍ବତନ ବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇ ମାଧ୍ୟମିକ ସ୍ତରୀୟ ସ୍କୁଲ ଶିକ୍ଷାର ପ୍ରସାର ଦିଗରେ ଶ୍ରୀ ମହାରଣାଙ୍କ ନିରନ୍ତର ପ୍ରୟାସ ଯୋଗୁଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରିନ୍ସ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧକ୍ଷା ଜ୍ୟୋତିପୁଷ୍ପା ଦାସ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

# ଚାଉଳ ଓ ଗୁଆ ସଂଗ୍ରହ ପାଇଁ ବୈଠକ

**ଉଦଳା, ୬।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଏକ ପ୍ରାକ-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନଗରପାଳିକା ପ୍ରମିଳା ପଣ୍ଡା ଅଧକ୍ଷତା କରିଥିବା ବେଳେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ସଭାପତି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ, ବିଜ୍ଞାପିତ ଅଞ୍ଚଳର ସମସ୍ତ ଘରୁ ଅରୁଆ ଚାଉଳ ଏବଂ ଗୁଆ ସଂଗ୍ରହ କରାଯାଇ ପୁରୀ ଜଗନ୍ନାଥ ଧାମକୁ ପ୍ରେରଣ କରାଯିବ। ଏକ ପରିକ୍ରମା ରଥ ଉଦଳା ବିଜ୍ଞାପିତ ଅଞ୍ଚଳରେ ବୁଲି ବୁଲି ସମସ୍ତ ଘରୁ ଅରୁଆ ଚାଉଳ ଏବଂ ଗୁଆ ସଂଗ୍ରହ କରି ଆଗାମୀ ୧୭ ତାରିଖରେ ଜଗନ୍ନାଥ ଧାମରେ ପହଞ୍ଚିବ। ଏଥିପାଇଁ ସମସ୍ତ କାଉନସିଲର ଦାୟିତ୍ୱରେ ରହିଛନ୍ତି। ସଂଗୃହୀତ ଚାଉଳ ଏବଂ ଗୁଆ ଉଦଳା ଜଗନ୍ନାଥ ମନ୍ଦିରରେ ରହିବ ଏବଂ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିବ। ବୈଠକରେ ଉଦଳା ସୂଚନା କେନ୍ଦ୍ର ତଥା ପାଠାଗାରର ବରିଷ୍ଠ ଲିପିକାର ସରୋଜ କୁମାର ପ୍ରଧାନ, କର୍ମଚାରୀ ଅଜିତ କୁମାର ମହାପାତ୍ର, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଡ଼ସାହି, ୬।୧(ସମିସ):** ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ବିହାର ସ୍ଥିତ ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ଦେବରାଜ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷକ ଦୀପକ କୁମାର ପାତ୍ର ଯୋଗଦେଇ ଶିଶୁମାନଙ୍କୁ ଇଂରାଜୀ ଭାଷା ସାହିତ୍ୟରେ ସୁଦୃଢ଼ କରାଇବା ସହିତ ଭାରତୀୟ ସଂସ୍କୃତିରେ ବିଶେଷ ଭାବରେ ଉଦବୁଦ୍ଧ କରାଇବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ତଥା ସାମ୍ବାଦିକ ନିହାର ରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷକନେତା ରାଜେନ୍ଦ୍ର କୁମାର ଜେନା ଓ କବି ରତିକାନ୍ତ ବେହେରା ଯୋଗଦାନ କରି ଛୋଟ ପିଲାଙ୍କୁ ମନସ୍ତାତ୍ତ୍ୱିକ ଶିକ୍ଷାଦାନ ବିଶେଷ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରିନସପାଲ ଦୀପକ କୁମାର ଦାସ ବାର୍ଷିକ ବିବରଣୀ ପାଠ ଓ ସଞ୍ଚାଳିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ଦେଇଥିଲେ। ସୋନାକ୍ଷି ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

# ପାଣି ପାଇଁ ପଞ୍ଚାୟତ ଆଗରେ ଗ୍ରାମବାସୀଙ୍କ ଧାରଣା

କପ୍ତିପଦା, ୬।୧(ସମିସ)

ପାଣି ପାଇଁ ଶରତ ପଞ୍ଚାୟତ ଗେଟ ସମ୍ମୁଖରେ ଗରା, ବାଲ୍ଟି ଧରି ଗ୍ରାମବାସୀ ଧାରଣା ଦେଇଥିଲେ। ଶରତ ପଞ୍ଚାୟତ ୧୧ନମ୍ବର ୱାର୍ଡ ଚର୍ଚ୍ଚସାହିରେ ଦୀର୍ଘଦିନ ଧରି ପାଣି ସମସ୍ୟା ଲାଗିରହିଛି। ଏ ନେଇ ବହୁବାର ଗ୍ରାମବାସୀ ସରପଞ୍ଚଙ୍କୁ ନିବେଦନ କରିଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ରାତି ପାହିଲେ ଗ୍ରାମବାସୀ ପାଣି ପାଇଁ ୨ କିମି ଯିବାକୁ ପଡୁଛି। ଏପରିକି ଗ୍ରାମବାସୀ ପାଣି ପାଇଁ ଦୀର୍ଘ ସମୟ ଅତିବାହିତ କରୁଥିବାରୁ ସେମାନେ କାମକୁ ଯାଇପାରୁନାହାନ୍ତି। ପୂର୍ବରୁ ଅନ୍ୟ ସରପଞ୍ଚମାନେ ମଧ୍ୟ ପ୍ରତିଶ୍ରୁତି ଦେଇ ନଳକୂପଟିଏ କରିବାକୁ ଅସମର୍ଥ ହୋଇଥିଲେ। ତେବେ ନବନିର୍ବାଚିତ ସରପଞ୍ଚ କଥାଦେଇ ମଧ୍ୟ ଲୋକଙ୍କ ପାଣି ସମସ୍ୟା ସମ୍ପର୍କରେ ଶୁଣୁ ନ ଥିବାରୁ ଗ୍ରାମବାସୀ ଅଧିକାରୀଙ୍କୁ ଜଣାଇ ଥିଲେ; ହେଲେ ସେ ବି ଏହା ସରପଞ୍ଚଙ୍କ କାମ କହି ଏଡାଇ ଯାଇଥିଲେ। ଆଗକୁ ଖରାଦିନ ଆସୁଥିବାରୁ ପ୍ରଶାସନ ଯଦି ଏହି ସମସ୍ୟା ସମାଧାନ ନ କରନ୍ତି ତେବେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାର ପ୍ରତିବାଦ ଜଣାଇ ଶନିବାର ଗ୍ରାମବାସୀ ପୁରୁଷ, ମହିଳା ଗରାବାଲ୍ଟି ଧରି ପଞ୍ଚାୟତରେ ପହଞ୍ଚି ସରପଞ୍ଚଙ୍କୁ ନ ପାଇ ଧାରଣାରେ ବସିଥିଲେ। ଦୀର୍ଘ ୪ଘଣ୍ଟା ଧାରଣାରେ ବସିବା ପରେ ସରପଞ୍ଚ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଆଗାମୀ ଏକ ସପ୍ତାହ ମଧ୍ୟରେ ନଳକୂପ ବସାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।



### ଆଦିବାସୀ ମାନ୍ୟତା ଦାବିରେ କୁଡୁମୀ ସେନାର ସାଂଗଠନିକ ବୈଠକ

# ଫେବୃଆରୀ ୨୮ ରେ ଅଧିକାର ସମାବେଶ

ବାରିପଦା, ୬ା୧(ସମିସ): ଶୁକ୍ରବାର କୁଡୁମୀ ସେନା ପକ୍ଷରୁ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦାବିରେ ଆନ୍ଦୋଳନ କରିବାକୁ ବୈଠକରେ ସ୍ଥିର ହୋଇଥିବା ନେଇ ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତ ସୂଚନା ଦେଇଛନ୍ତି। କୁଡୁମୀ ସମ୍ପ୍ରଦାୟକୁ ୧୯୫୦ ସେପ୍ଟେମ୍ବର ୬ତାରିଖରୁ ଆଦିବାସୀ ତାଲିକାରୁ ବାଦ ଦିଆଯାଇଥିଲା। ଏହା ପରେ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକା ଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ। ଏଣୁ କେନ୍ଦ୍ର ସରକାରଙ୍କ ନିକଟକୁ କୁଡୁମି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାର ସୁପାରିସ କରିବା କୁଡୁମୀ ସେନା ପକ୍ଷରୁ ନିବେଦନ କରାଯାଇଛି। ତେବେ କେନ୍ଦ୍ର ସରକାର କୁଡୁମୀଙ୍କୁ ଆଦିବାସୀ ମାନ୍ୟତା ସହ କୁଡୁମାଲି ଭାଷାକୁ ସମ୍ବିଧାନରେ ସାମିଲ୍ କରିବା ନେଇ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଆଗାମୀ ଫେବୃଆରୀ ୨୦ତାରିଖ ସୁଦ୍ଧା ଅଗ୍ରଗତି ନ ହେଲେ ଫେବୃଆରୀ ୨୮ ତାରିଖରେ କୁଡୁମି ସେନା ପକ୍ଷରୁ ବାରିପଦାରେ ଅଧିକାର ସମାବେଶ କରି ହରତାଳ କରିବେ ବୋଲି ଚେତାବନୀ ଦେଇଛି। ବାରିପଦା ଠାରେ ସେନାର ସଦସ୍ୟମାନେ ଏକତ୍ରିତ ହୋଇ ବିରାଟ ହରତାଳ କରି ହୁଡ଼କା ଜାମ କରିବେ ବୋଲି କହିଛନ୍ତି। ଏହି ବୈଠକରେ ସେନାର ସଦସ୍ୟ ଯୋଗଦେଇଥିଲେ। କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପାଇଁ ଆଗକୁ ଜିଲ୍ଲାରୁ ଆରମ୍ଭ କରି ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଭାପତି ଜୟମୁନୀ ମହାନ୍ତ କହିଛନ୍ତି। କୁଡୁମୀ ଜାତି ପୂର୍ବପରି ଆଦିବାସୀ ମାନ୍ୟତା ପାଇଲେ ହିଁ ଜାତିର ପ୍ରତିଟି ପୁରୁଷ ନାରୀ ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ ଆଉ ଏଥି ପାଇଁ ପ୍ରଥମେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ସୁପାରିସ କରିବାକୁ ସେନା ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ରାଜ୍ୟ ସମ୍ପାଦକ ବିବେକାନନ୍ଦ ମହାନ୍ତ, ଜୈକୃଷ୍ଣ ମହାନ୍ତ, ଉପେନ୍ଦ୍ର ମହାନ୍ତ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାଇରାମ ମହାନ୍ତ, କୁଡୁମୀ ଛାତ୍ର ସେନା ସଭାପତି ଅଜିତ ମହାନ୍ତ, ମହେଶ୍ୱର ମହାନ୍ତ, ମାନଗୋବିନ୍ଦ ମହାନ୍ତ, ବୁଲୁ ମହାନ୍ତ, କୁଡୁମି ଯୁବ ସେନା ବିଶ୍ୱନାଥ ମହାନ୍ତ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗଦେଇଥିଲେ।




## ଆସୁଛି ମକର ପର୍ବ; ସାପ୍ତାହିକ ହାଟରେ ପ୍ରବଳ ଭିଡ଼



ଖୁଣ୍ଟିଂ,୬ା୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଓ ଅଣ-ଆଦିବାସୀ ଉଭୟ ସମ୍ପ୍ରଦାୟର ମହାପର୍ବ ମକର ପାଖେଇ ଆସିଲାଣି। ସମଗ୍ର ଜିଲ୍ଲାରେ ଏହି ପର୍ବ ତିନିଦିନ ଧରି ସମାରୋହରେ ପାଳନ ହୋଇଥାଏ । ମକର ପର୍ବର ପ୍ରାୟ ଏକ ମାସ ପୂର୍ବରୁ ବିଶେଷତଃ ଶୁକୁଳି ଓ ସିଙ୍ଗଡ଼ା ସାପ୍ତାହିକ ହାଟରେ ଅସ୍ୱାଭାବିକ ଜନ ସମାଗମ ହୋଇଥାଏ । ବହୁ ଦୂରଦୁରାନ୍ତରୁ ପୁରୁଷ ଓ ମିହଳାମାନେ ଦଳବଦ୍ଧ ହୋଇ ଏହି ହାଟକୁ ଆସିଥାନ୍ତି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ବିଭିନ୍ନ ସାମଗ୍ରୀ ସହିତ ବ୍ୟବସାୟୀମାନଙ୍କ ସୁଅ ଛୁଟିଥାଏ। ଅହେତୁକ ଭିଡ଼ ଯୋଗୁଁ ଅନେକ ସମୟରେ ଛୋଟ ବଡ଼ ଚୋରି ଘଟଣା ନଜିରକୁ ଆସିଥାଏ। ତେଣୁ ଏହି ଦିନରେ ସ୍ଥାନୀୟ ପୁଲିସ ପ୍ରଶାସନ ତରଫରୁ ଆବଶ୍ୟକୀୟ କର୍ମଚାରୀ ମୁତୟନ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

## ବିଶ୍ୱବିଦ୍ୟାଳୟରେ ଗଣିତ ବିଭାଗର କର୍ମଶାଳା



ବାରିପଦା, ୬ା୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ଦ୍ୱାରା ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବ୍ୟାଙ୍କ ଦ୍ୱାରା ଉତ୍କର୍ଷତା ଏବଂ ସମାନତା ପାଇଁ ଓଡିଶା ଉଚ୍ଚ ଶିକ୍ଷା ଯୋଜନାର ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟୋଜିତ 'ମ୍ୟାଟ୍‌ଲାବ୍ ଓ ଗଣିତରେ ଏହାର ପ୍ରୟୋଗ' ଶୀର୍ଷକ ଏହି କର୍ମଶାଳାକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ ପୂର୍ବକ ଉଦ୍‌ଘାଟନ କରିଥିଲେ। ପ୍ରଫେସର ତ୍ରିପାଠୀ ନିଜ ବକ୍ତବ୍ୟରେ ଜୀବନରେ ଗଣିତର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଗଣିତର ଯୋଗ, ବିଯୋଗ, ଗୁଣନ, ହରଣ ମଧ୍ୟରେ କେବଳ ଯୋଗ ଓ ଗୁଣନ ଦ୍ୱାରା ଜୀବନର ଉତ୍ତୋରତ୍ତର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଅଂଶଗ୍ରହଣକାରୀଙ୍କୁ ମ୍ୟାଟ୍‌ଲାବ୍‌ର ପ୍ରାକ୍ଟିକାଲ୍ ଶିକ୍ଷା ଦିଆଯାଉଥିବାରୁ ସେ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏନ୍.ଆଇ.ଟି ରାଉରକେଲା ପ୍ରଫେସର ପଙ୍କଜ କୁମାର ସ' ମୁଖ୍ୟବକ୍ତା ଭାବେ ଯୋଗଦାନ କରି ମ୍ୟାଟ୍‌ଲାବ୍‌ରେ ଥିବା ଅପାର ସମ୍ଭାବନା ଓ ସୁଯୋଗ ଉପରେ ଆଲୋକପାତ କରିଥିଲେ। ସଂଯୋଜିକା ପ୍ରଫେସର ଏମ୍ ହିମବିନ୍ଦୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମ୍ୟାଟ୍‌ଲାବ୍‌ର ବିଭିନ୍ନ ଟୁଲ୍ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଥିଲେ। କର୍ମଶାଳାର ଆବାହକ ତଥା ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ସଂଯୋଜକ ପ୍ରଫେସର ସୁସ୍ମିତା କର ସ୍ୱାଗତ ଭାଷଣ ଦେଇଥିଲେ। କର୍ମଶାଳାର କାର୍ଯ୍ୟକାରୀ ସଂପାଦିକା ସହକାରୀ ପ୍ରଫେସର ଡ. ସଂଯୁକ୍ତା ମହାନ୍ତି ଅତିଥି ପରିଚୟ ଓ ସହକାର୍ଯ୍ୟକାରୀ ସଂପାଦକ ଲମ୍ବୋଦର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' କୀଚକେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖିଚିଂ,୬ା୧(ସମିସ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଐତିହାସିକ ଓ ଆଧ୍ୟାତ୍ମିକ ପୀଠସ୍ଥଳୀ ଖିଚିଂର ମା' କୀଚକେଶ୍ୱରୀ ଲାୟନ୍ସ କ୍ଲବ ପକ୍ଷରୁ ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମରେ ଆୟୋଜିତ ପ୍ରତିଯୋଗିତାକୁ ଖିଚିଂ ସରପଞ୍ଚ ଅଙ୍କିତା ବେହେରା ଉଦଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଦସ୍ୟ ଓ ପୃଷ୍ଠପୋଷକ ହିମାଂଶୁ ନାଏକ, ପ୍ରଶାନ୍ତ ମିଶ୍ର, ରବୀନ୍ଦ୍ର ନାଏକ ବିନୟ ନାଏକ, କର୍ମୁ ନାଏକ, ଛବିଳ ନାଏକ, ରଞ୍ଜନ ନାଏକ, ଶିବପ୍ରସାଦ ମହାପାତ୍ର, ବୁଦ୍ଧଦେବ ମହାପାତ୍ର, ବିକାଶ ନାଏକ, ଲିପୁ ନାଏକ, ରାମ ନାଏକ, ଲକି ନାଏକ, ରୂପ ପାତ୍ର, ପପୁ ପାତ୍ର ଓ ଟିଙ୍କୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଓ ରବିବାରରେ ହେବାକୁ ଥିବା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଓ ପଡୋଶୀ ଝାଡ଼ଖଣ୍ଡ ର ୧୬ଟି ଦଳ ଅଂଶଗ୍ରହଣ କରିବେ।

## ଇଟାମୁଣ୍ଡିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡସାହି, ୬ା୧(ସମିସ): ବଡସାହି ବ୍ଲକ ଜାରକାଣୀ ପଞ୍ଚାୟତ ଅଧୀନ ଇଟାମୁଣ୍ଡିଆ ସରକାରୀ ଉନ୍ନୀତ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଣ୍ଡା, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ଡ. ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥି ଭାବେ ବଡସାହି ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମହାନ୍ତି, ନରଣଖୁଣ୍ଟା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଦାରନାଥ ଦାଣ୍ଡିଆ, ଜାରକାଣୀ ସରପଞ୍ଚ ଭଗବତୀ ନାଏକ, ପଞ୍ଚାୟତ ସମିତି ସଭ୍ୟା ଶକୁନ୍ତଳା ସାହୁ, ସମାଜସେବୀ କେଶବ କୁମାର ସାହୁ, ଚେୟାରପର୍ସନ ରଶ୍ମିତା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପାଠ ପଢିବା ସହ ସହଶିକ୍ଷଣ ମାମରେ ନିଜର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ନିଜ ଗାଁ ମାଟି ତଥା ଦେଶର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ବିକାଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ ଯୁବକଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଲା ବିଜେଡ଼ି

ଶୁକୁଳି, ୬ା୧(ସମିସ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ଅଙ୍ଗାରପଦା ଗ୍ରାମପଞ୍ଚାୟତ ପଳସା ଗ୍ରାମର ଭରତ ମହାନ୍ତ ରୋଜଗାର ପାଇଁ ବେଙ୍ଗାଲୁରୁ ଯାଇଥିଲେ। ହେଲେ ଦଇବ ଦାଉ ସାଧିଲା। ସେ ରାତିରେ ଖାଇସାରି ରାତିରେ ଶୋଇଥିବାବେଳେ ମୃତ୍ୟୁ ଘଟିଥିଲା। ଭରତଙ୍କ ମୃତ୍ୟୁ ଖବର ଶୁଣି ପରିବାର ସଂପୂର୍ଣ୍ଣ ଭାଙ୍ଗି ପଡିଛି। ମୃତ ଦେହକୁ ଘରକୁ ଫେରାଇ ଆଣିବାକୁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଥିଲେ। କିନ୍ତୁ ଭରତଙ୍କ ପରିବାର ପକ୍ଷରୁ କିଛି ସହଯୋଗ ନ ମିଳିବାରୁ ବାଙ୍ଗାଲୋରରେ ହିଁ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ଭରତଙ୍କ ଶବ ସତ୍କାରରେ ସହଯୋଗ କରିଥିଲେ ଇଞ୍ଜିନିୟର ସୁନିଲ କୁମାର ବେହେରା ଏବଂ ସତ୍ୟପ୍ରକାଶ ସାହୁ। ଏହି ଘଟଣା ଜାଣିବା ପରେ ଶୋକ ସନ୍ତପ୍ତ



ପରିବାରକୁ ସହଯୋଗର ହାତ ବଢ଼ାଇଛି ବିଜେଡ଼ି। ବିଜେଡ଼ିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶରେ ରରୁଆଁ ବ୍ଲକ୍ ଅଧକ୍ଷ ଅଜିତ୍ କୁମାର ତିରିଆ ଭରତଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ଏବଂ ପ୍ରଣବ ପ୍ରକାଶ ଦାସଙ୍କ ସହଯୋଗର ଅର୍ଥ ରାଶି ପ୍ରଦାନ କରିଛନ୍ତି। ବ୍ଲକ୍ ଅଧକ୍ଷ ସମେତ ବ୍ଲକ୍ ବିଜେଡ଼ି ସଭାପତି ଅମରେଶ ଭଞ୍ଜ ଦେଓ, ପଞ୍ଚାୟତ ବିଜେଡ଼ି ସଭାପତି କାଳିପଦ ମହାନ୍ତ, ସୁଶାନ୍ତ ମହାନ୍ତ, ଗୁଡ୍ଡୁ ସିଂ, ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଜାରିଟାଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝରାଡିହି/ବହଳଦା,୬ା୧(ସମିସ): ବହଳଦା ବ୍ଲକ ଭିତରାମଦା ପଞ୍ଚାୟତ ଜାରିଟାଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରାଜକିଶୋର ମହାନ୍ତ ଉତ୍ସବରେ



ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥିରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଂଜନ ମଣ୍ଡଳ, ମୁଖ୍ୟ ବ୍ୟକ୍ତା ଭାବେ ଅବସ ପ୍ରାପ୍ତ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଶୋକ ରାଉତ, ଫାଡୁ ମେମୋରିଆଲ ଏକାଡେମୀର ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ, ସଚିନ୍ଦ୍ର ରାଜ, ହିମାଂଶୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁବୋଧ କୁମାର ସାହୁ ଅତିଥି ପରିଚୟ ଓ ଶିକ୍ଷକ ମାନସରଞ୍ଜନ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହା ବ୍ୟତୀତ ଆମ ଓଡିଶା, ନବୀନ ଓଡିଶା ତରଫରୁ ବ୍ଲକସ୍ତରୀୟ କ୍ରୀଡାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ବ୍ଲକ କ୍ୟାସିୟର ଅମିୟ କୁମାର ଗିରି ପୁରସ୍କୃତ କରିଥିଲେ। କବାଡି ଖେଳରେ ଦ୍ୱିତୀୟ ପୁରସ୍କାର ଭାବେ କ୍ୟାପଟେନ ଜାସମି ମୁର୍ମୁ ଓ ତାଙ୍କ ଗ୍ରୁପକୁ ୧୫ ହଜାର ଟଙ୍କା, ଖୋ -ଖୋରେ କିସ୍କୁ ଓ ତାଙ୍କ ଗ୍ରୁପକୁ ମଧ୍ୟ ୧୫ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ଭାବେ କ୍ୟାପେଟନ ଧାନି ଟୁଡୁ ଓ ତାଙ୍କ ଟିମକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ରମେଶ କୁମାର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବହଳଦା,୬ା୧ (ସମିସ): ବହଳଦା କୀଚକେଶ୍ୱରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସୁରେଖା ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ।ମୁଖ୍ୟ ଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧାକର ପରିଡ଼ା, ସ୍ୱତନ୍ତ୍ର ଅତିଥି ଭାବେ ବହଳଦା ବାଳକ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ନେପାଳ ଚନ୍ଦ୍ର ସାହୁ, ବରିଷ୍ଠ ଇଂରାଜୀ ଶିକ୍ଷକ ଅମୀୟ କୁମାର ଦାଶ, ଏବିଡିଓ ଭୂତନାଥ ସିଟ୍, ସାମ୍ବାଦିକ ଅଶୋକ ରାଉତ, ସାମ୍ବାଦିକ ମଧୁସୂଦନ ଦାସ, ସାମାଜିକ କର୍ମୀ ଅତନୁ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ନିଜର ମତାମତ ପ୍ରଦାନ କରିଥିଲେ। ପରେ ଶିକ୍ଷୟିତ୍ରୀ ମୀରା ମଲ୍ଲିକ, ଶିକ୍ଷକ ଡିନଜନ ମହାନ୍ତ, ବ୍ରହ୍ମାନନ୍ଦ ମହାଳିକ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ରୀ ନୈନା ସାମନ୍ତରାୟ, ଛାତ୍ରୀ ଚିନ୍ମୟୀ ମହାନ୍ତ ଓ ସାଥି, ଛାତ୍ରୀ ପ୍ରୀତି ମଲ୍ଲିକଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଶ୍ରେଷ୍ଠ ଛାତ୍ରୀ ଭାବେ ମାତାଲି ମଧୁସ୍ମିତା ମହାନ୍ତଙ୍କୁ ଟ୍ରଫି ପ୍ରଦାନ କରାଯିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁଲକ ସେଠୀ ଧନ୍ୟବାଦ ଦେଇଥିଲେ।

### ମାଝୀ ପାର୍ଗାନା ମହଲର ସମୀକ୍ଷା ବୈଠକ

## ସାରନା ଧର୍ମକୋଡ୍‌କୁ ମାନ୍ୟତା ନ ମିଳିଲେ ପୁଣି ଆନ୍ଦୋଳନ



ଝାରପୋଖରିଆ,୬ା୧(ସମିସ); ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ସଭାପତି ସାଲଖାନ ମୁର୍ମୁଙ୍କ ଆହ୍ୱାନରେ ଗତ ଡିସେମ୍ବର ୩୦ରେ ସାଂକେତିକ ଭାରତ ବନ୍ଦ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହୋଇଥିଲା। ଏହି ଡାକରା ଦିଆଯିବା ପରେ କେନ୍ଦ୍ରୀୟ ଜନଜାତି କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ସାରନା ଧର୍ମ କୋଡ ମାନ୍ୟତା ନିମନ୍ତେ ପ୍ରସ୍ତାବ ଏବଂ ପରାମର୍ଶ ଦେଇଛନ୍ତି ବୋଲି ଦିଲ୍ଲୀର ଅମର ଉଜାଲା ଖବର କାଗଜରେ ଏକ ଖବର ପ୍ରକାଶିତ ହୋଇଛି। ତେଣୁ ନାରାନଡିହି ଗ୍ରାମର ମାଝୀ ବାବା ନାରାନ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଭାରତ ଜାକାତ୍ ମାଝୀ ପାର୍ଗାନା ମହଲ (ବିଜେଏମପିଏମ)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତରଫ ପାର୍ଗାନା ନିମାଇଁ ଚରଣ ମାର୍ଣ୍ଡି ସଭାପତିତ୍ୱ କରିଥିଲେ। ମହଲର ବ୍ଲକ ସଭାପତି ମଧୁସୂଦନ ମୁର୍ମୁ ସହିତ ପିଲ୍ ପାର୍ଗାନାମାନେ ଉପସ୍ଥିତ ଥିଲେ। ସେ କହିଥିଲେ ଯେ, ସାରନା ଧର୍ମ କୋଡ ପାଇଁ ବର୍ତ୍ତମାନ ଏକତ୍ରିତ ହେବାକୁ ପଡିବ ଏବଂ ଆଦିବାସୀ ସେଙ୍ଗେଲ ଅଭିଯାନ ସହିତ ଭାରତ ଜାକାତ୍ ମାଝୀ ପାର୍ଗାନା ମହଲ ଆନ୍ଦୋଳନ କରି ୨୦୨୪ ନିର୍ବାଚନ ପୂର୍ବରୁ ହିଁ ସାରନା ଧର୍ମ କୋଡ ମାନ୍ୟତା ନେବା ପାଇଁ ଆନ୍ଦୋଳନ ଦୃଢ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତୁତି ଅନୁସାରେ ୨୦୨୪ର ମାର୍ଚ୍ଚରେ ଓଡିଶା, ଝାଡଖଣ୍ଡ, ବିହାର, ବେଙ୍ଗଲ, ଆସାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶର ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ବିଶାଳ ଜନସମାବେଶ ଏବଂ ବିଶାଳ ରାଲି ବାହାରିବା ନିମନ୍ତେ ପ୍ରସ୍ତୁତି ଜାରି ରହିଛି। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଯଦି ସାରନା ଧର୍ମ କୋଡର ମାନ୍ୟତା ଘୋଷଣା କରା ନ ଯାଏ, ତେବେ ଅଭିଯାନ ପକ୍ଷରୁ ଏପ୍ରିଲ ମାସରେ ପୁଣି ଭାରତ ବନ୍ଦର ଡାକରା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପିଲ୍ ପାର୍ଗାନା ନିମାଇଁ ମୁର୍ମୁ, ନାୟକେ ବାବା ଲକ୍ଷ୍ମଣ କୁମାର ମୁର୍ମୁ, ଭଗାନ ମୁର୍ମୁ, ଶିଙ୍ଗ୍ରାୟ ହେମ୍ବ୍ରମ, କନ୍ଦାରାମ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ମଣଦା ବନାଞ୍ଚଳରେ ଜଙ୍ଗଲ ନିଆଁ ନିବାରଣ ସଚେତନତା



ବିଶୋଇ,୬ା୧ (ସମିସ) : ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ମଣଦା ବନାଞ୍ଚଳରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାସ ରଥଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ - ୨ ମାଧ୍ୟମରେ ସାନଶିଆଳିନଇ ଓ ବଡ଼ଝିଲ୍ଲୀ ବନ ସୁରକ୍ଷା ସମିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସିଏଫ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଏସିଏଫ ସୁଶାନ୍ତ ବନ୍ଧ ଉପସ୍ଥିତ ହୋଇ ଜଙ୍ଗଲ ନିଆଁର କାରଣ ଓ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବକୁ ସଚେତନତା କରାଇଥିଲେ। ମୁଖ୍ୟବ୍ୟକ୍ତା ଭାବରେ ବିଷୟଭିତ୍ତିକ ବିଶେଷଜ୍ଞ ଲୋକନାଥ ସାହୁ ଜଙ୍ଗଲ ନିଆଁ ଓ ପରିବେଶରେ ତାର ପ୍ରଭାବ ଏବଂ ନିରାକରଣର ବିଭିନ୍ନ ମାର୍ଗ ଜନସାଧାରଣଙ୍କୁ ବୁଝାଇଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସଂଯୋଜକ ବିଜୟ କେତନ ବିଶ୍ୱାଳ ଜଙ୍ଗଲ ନିଆଁ ରୋକିବାରେ ମାତୃଶକ୍ତିଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସାନଶିଆଳିନଇ ବନସୁରକ୍ଷା ସମିତିର ବରିଷ୍ଠ ସଦସ୍ୟ ଜିତରାୟ ମାର୍ଣ୍ଡି ଓ ଧନେଶ୍ୱର ନାଏକ ଜଙ୍ଗଲ ସୁରକ୍ଷାକୁ ଆମେ ଜୀବନର ବ୍ରତ ଭାବେ ଆମେ ଆଦିବାସୀମାନେ ପାଳନ କରୁଛୁ ବୋଲି କହିଥିଲେ। କୋଷାଧ୍ୟକ୍ଷ ଧାନମଣି ଟୁଡୁ, ଏନିମେଟର ସିଦ୍ଧିଲାଲ ମାର୍ଣ୍ଡି, ମାଇନ ଟୁଡୁ, ସୁନୀଲ ବାସ୍କେ ଏବଂ ବଡ଼ଝିଲ୍ଲୀ ବନ ସୁରକ୍ଷା ସମିତିର ବାଘରାଇ ମାର୍ଣ୍ଡି, ଶରତ ଟୁଡୁ, ଦୀପକ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଅଭିଷେକ ପରୀକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଉଦଳା,୬ା୧(ସମିସ): ଶୁକ୍ରବାର ଅପରାହ୍ନରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଖଣ୍ଡର ଅନେକ ଅଧିକାରୀଙ୍କ ସମେତ ଉଦଳା ବିଡିଓ ତୃପ୍ତି ବରାଇ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଗୋପବନ୍ଧୁ ନଗର ବିଡ଼ିଓ କରୁଣାକର ଧିନ୍ଦା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦ, ନଗରପାଳ ପ୍ରମିଳା ପଣ୍ଡା, ଉଦଳା ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଥାନା ଅଧିକାରୀ ବନମାଳୀ ବାରିକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଉପଖଣ୍ଡ ସ୍ତରୀୟ ଜାତୀୟ ଦିବସ ପାଳନ ସୁଚାରୁ ରୂପେ ସମ୍ପନ୍ନ କରାଇବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏଥିସହିତ ଗଣତନ୍ତ୍ର ଦିବସ କମିଟିର ସମସ୍ତ ସଦସ୍ୟ ତଥା ସମସ୍ତ ଉପଖଣ୍ଡସ୍ତରୀୟ ଶିକ୍ଷାନୁଷ୍ଠାନ ଏବଂ ବେସରକାରୀ ଅନୁଷ୍ଠାନ ମଧ୍ୟ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ବାରିକଙ୍କ ସମସ୍ତ ଉପଯୋଗୀ ପ୍ରସ୍ତାବ କମିଟି ସଦସ୍ୟମାନେ ଅଧିକାର ସହକାରେ ଗ୍ରହଣ କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କୁ ଏହି ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ଗଣତନ୍ତ୍ର ଦିବସ ପରେଡ଼, ଉପଖଣ୍ଡ ସ୍ତରୀୟ ବିଭିନ୍ନ ସମ୍ମାନ, ରକ୍ତଦାନ ଶିବିର, ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ ଆଦି ବିଷୟରେ ଆଲୋଚନା ହୋଇଥିଲା।

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

# ଇଭିଏମ ବିରୋଧରେ ଭାରତ ମୁକ୍ତିମୋର୍ଚ୍ଚାର ଆନ୍ଦୋଳନ

ବାରିପଦା, ୬ା୧(ସମିସ): ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ୱାମନ ମେଶ୍ରାମ ସାହେବଙ୍କ ନେତୃତ୍ୱରେ ଇଭିଏମ ବିରୋଧରେ ୪ ପର୍ଯ୍ୟାୟରେ ଚରଣବଦ୍ଧ ଆନ୍ଦୋଳନ ତଥା ଜାନୁଆରୀ ୩୧ ତାରିଖରେ ନୂଆଦିଲ୍ଲୀ ସ୍ଥିତ ମୁଖ୍ୟ ନିର୍ବାଚନ ଆୟୋଗ ମୁଖ୍ୟାଳୟରେ ପହଞ୍ଚିବ ଏକ ବିଶାଳ ମହାମୋର୍ଚ୍ଚା। ପ୍ରଥମ ଚରଣ ଆନ୍ଦୋଳନ ଦେଶବ୍ୟାପୀ ୩୧ଟି ରାଜ୍ୟର ୫୬୭ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗତକାଲି ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନା ମୁତାବକ, ଗତ ଅକ୍ଟୋବର ୮ ତାରିଖରେ ଇଭିଏମ ସନ୍ଦର୍ଭରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ମହତ୍ତ୍ୱପୂର୍ଣ୍ଣ ଜଜମେଣ୍ଟ ଦେଇଥିଲେ। ଉକ୍ତ ଜଜମେଣ୍ଟରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଇଭିଏମକୁ ନେଇ ଦିଆଯାଇ ଥିବା ନିର୍ଣ୍ଣୟ ଅନୁସାରେ କେବଳ ଇଭିଏମ ମେଶିନ ଦ୍ୱାରା ମୁକ୍ତ, ନିଷ୍ପକ୍ଷ ଓ ପାରଦର୍ଶୀ ନିର୍ବାଚନ ସମ୍ଭବପର ନୁହେଁ। ଏଥିପାଇଁ ଇଭିଏମ ମେସିନ ସହିତ ଭିଭିପିଏଟି ମେଶିନ ସଂଯୋଗ କରି ଭିଭିପିଏଟି ମେଶିନରୁ ବାହାରୁ ଥିବା ପର୍ଚି ବା କାଗଜର ୧୦୦ ପ୍ରତିଶତ ଗଣନା କରିବାକୁ ମୁଖ୍ୟ ନିର୍ବାଚନ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଥିଲା; ଯଦ୍ଵାରା ଇଭିଏମ ମେସିନ ଉପରେ ଦେଶର ଜନସାଧାରଣଙ୍କ ନିର୍ବାଚନକୁ ନେଇ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରହିପାରିବ। କିନ୍ତୁ ଏହା ଯେ ୱାମନ ମେଶ୍ରାମ ସାହେବଙ୍କ ଇଭିଏମକୁ ନେଇ ସୁପ୍ରିମକୋର୍ଟରେ କଣ୍ଟେମ୍ପ୍ଟ ଅଫ କୋର୍ଟ କେସ ମାଧ୍ୟମରେ ଇଭିଏମ ସହିତ ଭିଭିପିଏଟି ମେସିନ ସଂଯୋଗ ହେବା ସତ୍ତ୍ୱେ କଂଗ୍ରେସର ଅଭିଷେକ ମନୁସିଙ୍ଗଭି ଦ୍ୱାରା ସୁପ୍ରିମକୋର୍ଟରେ ଭିଭିପିଏଟିରୁ ବାହାରୁ ଥିବା କାଗଜର ୫୦ ପ୍ରତିଶତ ମିଳନ କରିବା କେସରେ ସର୍ବୋଚ୍ଚ ନ୍ୟାୟାଳୟ ମାତ୍ର ୧ ପ୍ରତିଶତ ମିଳନ କରିବାକୁ ନିର୍ଣ୍ଣୟ ଦେଲେ; ଯାହାଦ୍ୱାରା ଲୋକତାନ୍ତ୍ରିକ ଦେଶ ଭାରତରେ ଇଭିଏମ ମାଧ୍ୟମରେ ନିର୍ବାଚନକୁ ନେଇ ଦେଶର ଜନସାଧାରଣଙ୍କ ପୁନର୍ବାର ବିଶ୍ୱାସ ଓ ଭରସା ଉଠି ଯାଇଛି। ନିକଟର ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ସମାପନ ହୋଇଥିଲା। ଯେଉଁଥିରେ ଇଭିଏମ ମାଧ୍ୟମରେ ନିର୍ବାଚନକୁ ନେଇ ଇଭିଏମ ବିରୋଧରେ ଅନେକ ରାଜନୈତିକ ଦଳଳ ସାମାଜିକ ସଂଗଠନ ଓ ଜନସାଧାରଣଙ୍କ ଦ୍ୱାରା ଏକ ମାମଲା ମୁଖ୍ୟ ନିର୍ବାଚନ ଆୟୋଗ ପୋର୍ଟାଲରେ ପଞ୍ଜୀକୃତ କରାଯାଇ ଥିଲା; ଯାହାର କୌଣସି ପ୍ରକାରର ଉତ୍ତର ନିର୍ବାଚନ ଆୟୋଗ ଦେଇ ନ ଥିବା ବେଳେ ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରି ନାହାଁନ୍ତି। ତେଣୁ ଇଭିଏମ ହଟାଅ, ବ୍ୟାଲେଟ ପେପର ଆଣ ଓ ଲୋକତନ୍ତ୍ର ବଞ୍ଚାଅ ଅଭିଯାନ ଅନ୍ତର୍ଗତ ୱାମନ ମେଶ୍ରାମ ସାହେବଙ୍କ ଆହ୍ୱାନକୁ ମୟୂରଭଞ୍ଜ ଜିଲ୍ଲା ଭାରତ ମୁକ୍ତି ମୋର୍ଚ୍ଚା ପୂର୍ଣ୍ଣ ସମର୍ଥନ କରୁଛି। ଯଦି ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆଗକୁ ଦେଶବ୍ୟାପୀ ତୀବ୍ର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ସଂଗଠନ। ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଜ୍ୟ ସଭାପତି ମୋହନ ବାସ୍କେ, ଭାରତୀୟ ବେରୋଜଗାର ମୋର୍ଚ୍ଚାର ଜିଲ୍ଲା ସଭାପତି ବୈଦ୍ୟନାଥ ସିଂ, ବହୁଜନ ମୁକ୍ତି ପାର୍ଟିର ଜିଲ୍ଲା କୋଷାଧ୍ୟକ୍ଷ ମଙ୍ଗଳଚରଣ ସିଂ, ରାଷ୍ଟ୍ରୀୟ ଆଦିବାସୀ ଛାତ୍ରସଂଘର ରାଜ୍ୟ ମହାସଚିବ ଡେମକା ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।

